

## ଶୈବପୀଠ ଉତ୍ସବମୁଖର: ରୌପ୍ୟନଗରୀରେ ଧୁମ୍‌ଧାମ୍‌ରେ ପାଳନ ହେଉଛି ଶୀତଳଷଷ୍ଠୀ

# ପାର୍ବତୀଙ୍କ ହାତ ଧରିଲେ ମହାଦେବ

**ଅମରେଶ୍ୱର, ଅଷ୍ଟଶମ୍ଭୁ, ଆଖଣ୍ଡଳମଣି ଓ ଗଡ଼ଗଡ଼େଶ୍ୱର ମନ୍ଦିରରେ ପ୍ରବଳ ଭକ୍ତ ସମାଗମ**














କଟକ,୧୦।୬(ସମିସ)

ରୌପ୍ୟନଗରୀର ଶୈବପୀଠରେ ସୋମବାର ଧୁମଧାମ୍‌ରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ପାଳିତ ହୋଇଯାଇଛି। ଶୈବପୁରାଣ ଅନୁଯାୟୀ, ମହାଦେବ ମାତା ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ କରି ହୋଇଯାନ୍ତି 'ଶାନ୍ତ ଶୀତଳ'। କଟକରେ ଦେବଦମ୍ପତିଙ୍କ ଏହି ମହାମିଳନକୁ ଲୋକାଚାରରେ ଶୀତଳ ଷଷ୍ଠୀ ଭାବେ ପାଳନ କରାଯାଉଛି। ଆଧ୍ୟାତ୍ମିକ ଇତିହାସ ଅନୁସାରେ, ବ୍ରହ୍ମାଙ୍କୁ କଠୋର ତପସ୍ୟା କରି ଦକ୍ଷ ପ୍ରଜାପତି ମାତା ସତୀ(ପାର୍ବତୀ)ଙ୍କୁ ପୁତ୍ରୀ ରୂପେ ପ୍ରାପ୍ତ ହୁଅନ୍ତି। ସତୀ ବିବାହ ବୟସ ହେବାରୁ ପିତାଙ୍କ ଅନିଚ୍ଛା ସତ୍ତ୍ୱେଶ୍ମଶାନଚାରୀ ଶିବଙ୍କୁ ବିବାହ କରନ୍ତି। ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଶିବ ଓ ମାତା ପାର୍ବତୀଙ୍କ ପୁନଃମିଳନ ହୁଏ। ମହାଦେବ ମାତା ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ କରି ହୋଇଯାନ୍ତି ଶାନ୍ତ ଓ ନମ୍ର। ଦେବଦମ୍ପତିଙ୍କ ଏହି ମହାମିଳନକୁ ଲୋକାଚାରରେ ଶୀତଳଷଷ୍ଠୀ ଭାବେ ପାଳନ କରାଯାଏ। ଏହି ପୌରାଣିକ ମତ ଅନୁଯାୟୀ, ସହରର ସମସ୍ତ ଶୈବ ପୀଠରେ ଶିବ ବିବାହ ଉତ୍ସବ ପାଳନ କରାଯାଉଛି।

ସହରର ଗଡଗଡେଶ୍ୱର ମହାଦେବ ମନ୍ଦିରରେ ଆଜି ପବିତ୍ର ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ଶିବ ବିବାହ ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଅବସରରେ ହରପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଭୟ ବରପକ୍ଷ ଓ କନ୍ୟାପକ୍ଷ ଉପସ୍ଥିତ ରହି ରୀତିନୀତି ଅନୁଯାଇ ବିବାହ ବିଧି ସଂପନ୍ନ କରିଥିଲେ। ୨୦୦୬ ମସିହାରୁ ଅତି ଜାକଜମକରେ ଗଡଗଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଧି ଅନୁଯାଇ ଶିବ ପାର୍ବତୀଙ୍କ ବିବାହ ହୋଇ ଆସୁଛି। ଚଳିତବର୍ଷ ଶହ ଶହ ଭକ୍ତଙ୍କ ଉପସ୍ଥିତିରେ ପ୍ରଥମେ ମହାପ୍ରଭୁ ଶିବ ବର ବେଶରେ ସଜ୍ଜିତ ହୋଇ ବେଦୀକୁ ଆସିଥିଲେ। ସେଠାରେ ପ୍ରଥମ ବରଣୀ ସରିବା ପରେ ଦେବୀ ପାର୍ବତୀଙ୍କୁ ଶୋଭାଯାତ୍ରାରେ ବେଦୀକୁ ଅଣାଯାଇଥିଲା। ବରପକ୍ଷ ରମେଶ ଚନ୍ଦ୍ର ହାତୀ ଓ କନ୍ୟାପକ୍ଷ ପ୍ରସନ୍ନ କୁମାର ରାଉତ ବିବାହ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପ୍ରଚଣ୍ଡ ରୌଦ୍ରତାପରୁ କିଭଳି ତ୍ରାହି ମିଳିବ, ସେଥିପାଇଁ ଦେବଦେବୀ ବିଶେଷ କରି ହରହର ମହାଦେବଙ୍କୁ ପୂଜାର୍ଚ୍ଚନା କରି ସନ୍ତୁଷ୍ଟ କରିବା। ମହାଦେବଙ୍କ କୃପା ହେଲେ ଧରାପୃଷ୍ଠ ଶୀତଳ ହେବ ବୋଲି ବିଶ୍ୱାସ ରହିଛି। ଅନ୍ୟ ପକ୍ଷରେ ଶିବପାର୍ବତୀଙ୍କ ବିବାହ ପାଇଁ ଉଭୟ ବରପକ୍ଷ ଓ କନ୍ୟାପକ୍ଷ ନିଜର ବନ୍ଧୁବାନ୍ଧବ ସହ ଉପସ୍ଥିତ ରହି ରିତିନୀତିରେ ବିବାହ ସଂପନ୍ନ କରିଛନ୍ତି। ସେହିପରି ଅମରେଶ୍ୱର ମନ୍ଦିରରେ ଶିବ ପାର୍ବତୀଙ୍କ ବାହାଘର ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ପୂଜକ ସମ୍ବିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ବିବାହ ଉତ୍ସବର ଆୟୋଜନ କରାଯାଇଥିଲା। କନ୍ୟାପିତା ଭାବେ ଭବାନୀଶଙ୍କର ମହାପାତ୍ର ଓ ବରପିତା ଭାବେ ମଧୁସୂଦନ ପଣ୍ଡା ଶିବ ପାର୍ବତୀଙ୍କ ବାହାଘର କରାଇଥିଲେ। ପରିଚାଳନା ଟ୍ରଷ୍ଟ ପକ୍ଷରୁ ରାକେଶ ସାହୁ, ଶରତ ସାହୁ, ଜଗନ୍ନାଥପ୍ରସାଦ ଭଗତ୍, ରଘୁନାଥ ପଣ୍ଡା, ବିଜୟ ସାହୁ ଓ ଜଗମୋହନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେଢ଼ ହଜାର ଭକ୍ତ ବାହାଘର ଭୋଜିରେ ଯୋଗ ଦେଇଥିଲେ। ଆସନ୍ତା କାଲି ଶୀତଳ ଷଷ୍ଠୀ ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବ ବୋଲି ଜଣାପଡ଼ିଛି। ସେହିପରି ଖାନନଗର ଆଖଣ୍ଡଳମଣୀ ମନ୍ଦିରରେ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜକ ବୈଦ୍ୟନାଥ ଶତପଥୀ ଓ ପୂଜକ ବିଶ୍ୱନାଥ ଶତପଥୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବଙ୍କ ପିତା ଓ ମାତା ଭାବେ ବିକ୍ରମକେଶରୀ ମହାନ୍ତି ଓ ରଂଜିତା ମହାନ୍ତି ଏବଂ ପାର୍ବତୀଙ୍କ ପିତା ଓ ମାତା ଭାବେ ନରେନ୍ଦ୍ର ସାହୁ ଓ ସୁଲୋଚନା ନାୟକ ବିବାହ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। କୁମାର ଓଁକାର୍ ମହାପ୍ରଭୁଙ୍କୁ ଶାଳକବିଧା ମାରିଥିଲେ। ସେହିପରି ସହରର ସମସ୍ତ ଶୈବପୀଠରେ ଶୀତଳ ଷଷ୍ଠୀ ଉପଲକ୍ଷେ ଶିବ-ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।





## କଟକ ଜିଲ୍ଲା କଂଗ୍ରେସ କମିଟି ଭଙ୍ଗ

**● ନୂଆ ଟିମ ଗଠନ ଖୁବଶୀଘ୍ର**

**କଟକ,୧୦।୬(ସମିସ):** କଟକ ଜିଲ୍ଲାରେ କଂଗ୍ରେସର ସ୍ଥିତି ଚଳିତ ନିର୍ବାଚନରେ ଶୋଚନୀୟ ହୋଇଥିଲା ବେଳେ ଦଳ ବିରୋଧୀ କାମ ପାଇଁ ନିଲମ୍ବିତ ହୋଇଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ। ନୂତନ ସଭାପତି ଭାବେ ପୂର୍ବତନ ବିଧାୟକ ରବି ମଲ୍ଲିକଙ୍କୁ ପିସିସି ସଭାପତି ନିଯୁକ୍ତି ଦେଇଛନ୍ତି। ଶ୍ରୀ ମଲ୍ଲିକ ପୂର୍ବରୁ ୨୦୦୧ରୁ ୨୦୦୯ ପର୍ଯ୍ୟନ୍ତ ଜିଲ୍ଲା ସଭାପତି ଭାବେ ଦକ୍ଷତାର ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀ ମଲ୍ଲିକଙ୍କୁ ନୂତନ ନିଯୁକ୍ତି ମିଳିଥିବାରୁ ସେ ଅଖିଳ ଭାରତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, କଂଗ୍ରେସ ପ୍ରଭାରୀ ଡ.ଅଜୟ କୁମାର ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ନବନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମଲ୍ଲିକ ଆଜି ଜିଲ୍ଲା କମିଟିକୁ ଭଙ୍ଗ କରିଦେଇଛନ୍ତି। ଖୁବଶୀଘ୍ର ଜିଲ୍ଲାର ସମସ୍ତ ସାଙ୍ଗଠନିକ କମିଟି ନୂତନ ଭାବେ ଗଠନ କରାଯିବ। ଜିଲ୍ଲାରେ ସାଂଗଠନିକ କାର୍ଯ୍ୟକ୍ରମ ତୃଣମୂଳ ସ୍ତରରୁ ଦକ୍ଷ ସଂଗଠକ ମାନଙ୍କୁ ନୂତନ କମିଟିରେ ସ୍ଥାନିତ କରାଯିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

**● ନିଟ୍ ୟୁଜି ପରୀକ୍ଷାରେ ଦୁର୍ନୀତିର ପ୍ରତିବାଦ**

## ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ

**କଟକ,୧୦।୬(ସମିସ):** ନିଟ୍ ୟୁଜି ପରୀକ୍ଷାରେ ହୋଇଥିବା ଦୁର୍ନୀତିର ନ୍ୟାୟିକ ତଦନ୍ତ କରି ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଶିକ୍ଷା ବିଶେଷଜ୍ଞମାନଙ୍କୁ ନେଇ ଏକ କମିଟି ଗଠନ କରି ନିଟ୍ ପରୀକ୍ଷା ପରିଚାଳନାରେ ତ୍ରୁଟିକୁ ଖୋଜି ବାହାର କରିବା ସହ ଜାତୀୟସ୍ତରୀୟ ଏହି ପରୀକ୍ଷା ବ୍ୟବସ୍ଥାକୁ ବାତିଲ କରିବା, ଏନ୍‌ଟିଏ(ନ୍ୟାସନାଲ ଟେଷ୍ଟିଂ ଏଜେନ୍‌ସି) ପରିବର୍ତ୍ତେ ସରକାର ପ୍ରତ୍ୟକ୍ଷଭାବେ ଏହି ନିଟ୍ ପରୀକ୍ଷା ପରିଚାଳନା କରିବା ଦାବିରେ ଛାତ୍ର ସଂଗଠନ ଏଆଇଡିଏସ୍‌ଓ ପକ୍ଷରୁ ଆଜି ସାରା ଭାରତ ପ୍ରତିବାଦ ଦିବସ ଡକରା ଦିଆଯାଇଥିଲା। ଏହି ଡକରାରେ ଏଆଇଡିଏସ୍‌ଓ କଟକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ କଲେଜ ଛକଠାରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ସଂଗଠନର ଓଡିଶା ରାଜ୍ୟ ପରିଷଦର ଉପସଭାପତି ଭାଗ୍ୟରବି ଦାସ, ସଂପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, କଟକ ଜିଲ୍ଲା କମିଟି ସଭାପତି ଇଶା ଧର, ଉପସଭାପତି ଶିବାନୀ ସାହୁ, ସଂପାଦକ ତରୁଣସେନ ନାୟକ, ଛାତ୍ରନେତା ଜ୍ୟୋସ୍ନାରଣୀ ଦାସ, ରାଜେଶ ରାଉତ, ସରୋଜ ମାନସିଂ, ମୁସ୍କାନ ତବସୁମ, ସତ୍ୟବ୍ରତ ମୁଦୁଲି ସମେତ ଏସ୍‌ସିବି ମେଡିକାଲ କଲେଜ, ଏସ୍‌ସିବି ଡେଣ୍ଟାଲ କଲେଜର ଛାତ୍ରଛାତ୍ରୀ ତଥା ନିଟ୍ ଆଶାୟୀମାନେ ଯୋଗଦେଇଥିଲେ।

## ପିଆଜ ଦର ୪୦, କମିଲା ଆମଦାନୀ

କଟକ,୧୦।୬(ସମିସ)



ନିର୍ବାଚନ ସରି ଫଳାଫଳ ଘୋଷଣା ସରିଛି। ହେଲେ ଏହାରି ଭିତରେ ପିଆଜ ଦର ବୃଦ୍ଧି ଏବେ ଖାଉଟିଙ୍କ ନିଦ ହଜାଇଲାଣି। କିଛି ଦିନ ଧରି ଦର ନିୟନ୍ତ୍ରଣରେ ଥିଲା ବେଳେ ପୁଣି ଏହି ଦର ବଢିବାରେ ଲାଗିଛି। ମାତ୍ର ଏକ ସପ୍ତାହ ଭିତରେ ପିଆଜ ଦର କିଲୋ ପ୍ରତି ୧୦ଟଙ୍କା ବୃଦ୍ଧି ପାଇଲାଣି। ଖୁଚୁରା ବଜାରରେ ବଡ ପିଆଜ ଦର କିଲୋ ପ୍ରତି ୩୫ରୁ ୪୦ ଟଙ୍କା ଛୁଇଁଛି। ଆଳୁ ଦର ସହ ପିଆଜ ଦର ମଧ୍ୟ ଆକାଶଛୁଆଁ ହେବାରେ ଲାଗିଛି। କଟକର ପ୍ରମୁଖ ପରିବା ମଣ୍ଡି ଛତ୍ରବଜାରକୁ ପିଆଜ ଆମଦାନୀ କମିଥିବାର କୁହାଯାଉଛି। ଏପରିକି ଏହି ବୃହତ୍ତ ପରିବା ବଜାରକୁ ପିଆଜ ଗାଡି ମଧ୍ୟ ସବୁଦିନ ଅଧିକ ପରିମାଣରେ ଆସିପାରୁନାହିଁ। ଛତ୍ରବଜାରରେ ଗତ କିଛି ଦିନ ତଳେ କିଲୋ ପ୍ରତି ୨୦-୩୦ଟଙ୍କାରେ ବିକ୍ରି ହେଉଥିଲା। ତାହା ଏବେ ୩୦ରୁ ୪୦ଟଙ୍କା ହୋଇଛି। ବ୍ୟବସାୟୀଙ୍କ କହିବାନୁଯାୟୀ ମହାରାଷ୍ଟ୍ରର ନାସିକର ନୂଆ ଅମଳ ବାଧାପ୍ରାପ୍ତ ହୋଇଛି। ସେଠାରେ ଦର ଉଚ୍ଚ ରହିଥିବାରୁ ଏଠାରେ ମଧ୍ୟ ପିଆଜ ଦର ଅଧିକ ରହିଥିବାର କୁହନ୍ତି। କଟକ ଛତ୍ରବଜାରକୁ ଦୈନିକ ୭ଟ୍ରକ ପିଆଜ ଆମଦାନୀ ହେଉଥିଲା ବେଳେ ଅଧିକ ଦରରେ କିଣିବାକୁ ପଡୁଛି। ସେହିପରି ଆଗକୁ ପୁନେ ଅଞ୍ଚଳର ପିଆଜ ଆସିଲେ ଦର କମିବ ବୋଲି କୁହାଯାଉଛି। ଏବେ କେବଳ ନାସିକରୁ ପିଆଜ ଆସୁଛି। ପଡୋଶୀ ଆନ୍ଧ୍ରପ୍ରଦେଶ ଓ ବେଙ୍ଗାଲୁରୁ ଆଦି ଅଞ୍ଚଳରୁ ପିଆଜ ଆମଦାନୀ ଏବେ ବନ୍ଦ ରହିଛି। ଅଧିକାଂଶ ପଡୋଶୀ ରାଜ୍ୟରେ ପିଆଜ ଚାଷ ଏଥର କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନେ ବି ନାସିକ ଉପରେ ନିର୍ଭର କରୁଛନ୍ତି। ଅନୁଗୁଳ, ଟିଟିଲାଗଡ ଆଦି ଅଞ୍ଚଳର ପିଆଜ ଅମଳ ଏଥର କମିଥିବାରୁ ଏହା ଚାହିଦା ପୂରଣ କରିପାରୁ ନ ଥିବା ବ୍ୟବସାୟୀ ମତ ଦିଅନ୍ତି।

# ୬ ମାସ ହେବ ଦରମା ପାଇନାହାନ୍ତି ଶିକ୍ଷକ

ନିଶ୍ଚିନ୍ତକୋଇଲି, ୧୦।୬(ସମିସ)

● ଆନ୍ଦୋଳନ ପାଇଁ ସଜବାଜ
● କାର୍ଯ୍ୟାଳୟର ତ୍ରୁଟି ପାଇଁ ଉପୁଜିଛି ସମସ୍ୟା




ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ୬ ଜଣ ଜନଜାତି, ଦଳିତ ଓ ସଂଖ୍ୟାଲଘୁ ବର୍ଗର କନିଷ୍ଠ ଶିକ୍ଷକ ଦରମା ନ ପାଇ ପରିବାର ଚଳାଇବାକୁ ହନ୍ତସନ୍ତ ହେଉଛନ୍ତି। ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ କର୍ମଚାରୀମାନଙ୍କର ଅସାଧୁ ମେଣ୍ଟ ପାଇଁ ଏହି ଶିକ୍ଷକମାନେ ସେମାନଙ୍କର ପ୍ରାପ୍ୟ ପାଇବାକୁ ସମସ୍ୟାରେ ପଡ଼ିଥିବା ଅଭିଯୋଗ ହୋଇଛି।

ଏହି କାର୍ଯ୍ୟାଳୟ ଅଧୀନସ୍ଥ କର୍ମବୀର ଗୌରୀଶଙ୍କର ରାୟ ଉପ୍ରା ବିଦ୍ୟାଳୟର ଶିକ୍ଷକ, ଦୈତାରୀ ଶବର, ରାମଚନ୍ଦ୍ରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କବିତା ରାମ, କଟରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାଳତୀ ସେଠୀ, ବଙ୍କାଳୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମନୋରମା ନନ୍ଦ, ବାହାବଳପୁର ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପରୱାନା ଅଂଜୁମ୍, ମହମ୍ମଦପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସାନ୍ତନୁ ନାୟକ ଗତ ୧୫.୧୧.୨୦୧୨ ତାରିଖରେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିଲେ। ସରକାରୀ ନିୟମ ଅନୁଯାୟୀ ବିଗତ ୬ବର୍ଷ ପରେ ୧୫.୧୧.୨୦୧୮ରେ ଏହି ଶିକ୍ଷକମାନଙ୍କ ଚାକିରି ପ୍ରାଥମିକ ଶିକ୍ଷକ ପଦକୁ ମାନ୍ୟତା ପାଇବା କଥା, ହେଲେ ଏହି ଶିକ୍ଷକମାନେ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ଥିବାରୁ ଏହି ମାନ୍ୟତା ପାଇବାରୁ ବଞ୍ଚିତ ହୋଇଥିଲେ। ପରେ ସେମାନେ ୦୯.୦୧.୨୦୨୨ରେ ଓଟିଇଟିରେ ଉତ୍ତୀର୍ଣ୍ଣ ହୋଇ ନିୟମିତ ଶିକ୍ଷକର ମାନ୍ୟତା ପାଇଥିଲେ। ନିୟମ ଅନୁଯାୟୀ, ୯.୦୧.୨୦୨୨ ତାରିଖରେ ସରକାରଙ୍କ ପକ୍ଷରୁ ପୂର୍ଣ୍ଣ ନିୟମିତ ଦରମା ପାଇବା କଥା ହେଲେ ତତକାଳୀନ ବିଇଓ କାର୍ଯ୍ୟାଳୟର କର୍ମଚାରୀମାନେ ସେମାନଙ୍କର ସମ୍ପୂର୍ଣ୍ଣ ତଥ୍ୟାବଳୀ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିବାରୁ ସେମାନେ ୦୯.୦୧.୨୦୨୨ ଠାରୁ ଡ଼ିସେମ୍ବର ୨୦୨୩ ପର୍ଯ୍ୟନ୍ତ ବର୍ଦ୍ଧିତ ହାରରେ ଦରମା ନ ପାଇ ଶିକ୍ଷା ସହାୟକ ଦରମା ୧୩ ହଜାର ୮ଶହ ପାଇଥିଲେ। ପରବର୍ତ୍ତୀ ସମୟରେ ଚଳିତ ଜାନୁଆରୀ ମାସ ଠାରୁ ଏହି ୬ଜଣ ଶିକ୍ଷକଙ୍କର ସମ୍ପୂର୍ଣ୍ଣ ଦରମା ବନ୍ଦ କରାଯାଇଛି। ବିଗତ ୬ ମାସ ହେବ ଦରମା ନ ପାଇ ଏହି ଶିକ୍ଷକମାନେ ପରିବାର ଚଳାଇବା ପାଇଁ ନାହିଁ ନଥିବା ସମସ୍ୟାରେ ପଡ଼ିଛନ୍ତି। ଆଗକୁ ରଜ ପର୍ବ ଆସୁଥିବା ବେଳେ ସେମାନଙ୍କର ସାମାଜିକ ଚଳଣିରେ ବାଧା ଉପୁଜିବା ନେଇ ଶିକ୍ଷକମାନେ ପ୍ରକାଶ କରିଛନ୍ତି। ୬ମାସ ହେବ ଦରମା ନ ପାଇ ଶିକ୍ଷକମାନେ ଚାପଗ୍ରସ୍ତ ହୋଇ ପଡ଼ିଥିବା ବେଳେ ଆଗାମୀ ଦିନରେ ବିଇଓ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଶିକ୍ଷକଙ୍କର ଏଭଳି ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ଶିକ୍ଷକ ନେତା ନାରାୟଣ ଚାନ୍ଦ ଦାବି କରିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ପଚାରିବାରୁ ନିର୍ବାଚନ ପୂର୍ବରୁ ଏହି ୬ଜଣ ଶିକ୍ଷକଙ୍କର ସମସ୍ତ କାଗଜପତ୍ର ଠିକଠାକ୍ କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଦିଆଯାଇଛି। ଖୁବ୍ ଶୀଘ୍ର ସେମାନେ ଦରମା ପାଇବେ ବୋଲି ପ୍ରକାଶ କରିଛନ୍ତି।

## ସୁରଥ ରାଉତଙ୍କୁ ଧର୍ମପଦ ସମ୍ମାନ



**ନିଶ୍ଚିନ୍ତକୋଇଲି, ୧୦।୬(ସମିସ):** ଓଡ଼ିଶା ସାରସ୍ୱତ ଜଗତରେ ବିଶେଷ କୀର୍ତ୍ତି ଓ କୃତି ପାଇଁ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ପରିବାରର ସଭାପତି ସାହିତ୍ୟିକ ତଥା ପରିବେଶବିତ୍ ସୁରଥ କୁମାର ରାଉତଙ୍କୁ ଚଳିତ ବର୍ଷ ଧର୍ମପଦ ସମ୍ମାନରେ ସମ୍ମାନିତ କରାଯାଇଛି। ଗତ ରବିବାର ଦିନ କୋଣାର୍କଠାରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ଆୟୋଜିତ ସପ୍ତମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହରେ ଶ୍ରୀ ରାଉତଙ୍କୁ ଏଭଳି ସମ୍ମାନ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ପ୍ରଦିପ୍ତ କୁମାର ଛାଟୋଇଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ବିଭାଗର ସଚିବ ବିରଞ୍ଚି ମିଶ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକା ପ୍ରତିଭାରାଣୀ ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ପଣ୍ଡିତ ନିତ୍ୟାନନ୍ଦ ଶତପଥୀ, ବାନର ସେନାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟେଇ ଯୋଗଦେଇଥିଲେ। ଶ୍ରୀ ରାଉତ ଏଭଳି ସମ୍ମାନରେ ସମ୍ମାନୀତ ହୋଇଥିବାରୁ ନିଶ୍ଚିନ୍ତକୋଇଲି ଅଞ୍ଚଳର ବହୁ ସାହିତ୍ୟିକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ସାମ୍ବାଦିକ ମହଲରେ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ



**ସାଲେପୁର, ୧୦।୬(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାଲେପୁରଠାରେ ଶିକ୍ଷାବିକାଶ ସମିତି ଓଡ଼ିଶାର ଯୋଜନା ଅନୁସାରେ ତ୍ରିଦିବସୀୟ ସାମୁହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟଶାଳାକୁ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ଡଃ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତି ଓଡ଼ିଶାର ଉତ୍ତର ପୂର୍ବ ସମ୍ଭାଗ ପରିଚାଳନା ସମିତିର ସଦସ୍ୟା ସରୋଜିନୀ ଦେବୀ ଯୋଗଦେଇ ଭାରତର ସ୍ୱଜାଗରଣ ସମ୍ବନ୍ଧରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ବର୍ଗ ପ୍ରମୁଖ ତଥା ସାଲେପୁର ସଂକୁଳ ପ୍ରମୁଖ ଦେବେନ୍ଦ୍ର କୁମାର ପଣ୍ଡା ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ତରୁଲତା ଦେବୀ କାର୍ଯ୍ୟଶାଳାର ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିବାବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୂର୍ବକଚ୍ଛର ପ୍ରଧାନଆଚାର୍ଯ୍ୟ ସଂଯୁକ୍ତା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସାମୁହିକ ଆଚାର୍ଯ୍ୟ କାର୍ଯ୍ୟାଶାଳରେ ୯ଟି ଶିଶୁ ବିଦ୍ୟାମନ୍ଦିର ୧୩୮ ଜଣ ଆଚାର୍ଯ୍ୟ, ଆଚାର୍ଯ୍ୟା ଯୋଗଦେଇଥିଲେ।

## ବାଳାଶ୍ରମ ଅନ୍ତେବାସୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ

**ସାଲେପୁର, ୧୦।୬(ସମିସ):** ବୋଇଲ ସ୍ୱପ୍ନେଶ୍ୱର ବାଳାଶ୍ରମର ଅନ୍ତେବାସୀ ମାନଙ୍କୁ ଓମ୍ ଶ୍ରୀରାମ ଟ୍ରଷ୍ଟ ପକ୍ଷରୁ ପାଠ୍ୟ ଉପକରଣ ଏବଂ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷ ରାମଚନ୍ଦ୍ର ପାଣି, ମୁଖ୍ୟ ଉପଦେଷ୍ଟା ଅବତନ ଷଡ଼ଙ୍ଗୀ, ନରେନ୍ଦ୍ର ପଣ୍ଡା, ପରମାନନ୍ଦ ମୁଦୁଲି, ପ୍ରଭାସିନୀ ଶତପଥି ପ୍ରମୁଖ ଉପସ୍ଥିତ ରହି ଅନ୍ତେବାସୀମାନଙ୍କୁ



ଖାଦ୍ୟ ଓ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ପରିଚାଳକ ସୁବାସଚନ୍ଦ୍ର ସାହୁ, ସୁସନ୍ଧ୍ୟା ଶତପଥିଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଭିନ୍ନ ଶୈବପୀଠରେ ଶିବ ବିବାହ

**ଟାଙ୍ଗୀ, ୧୦।୬(ସମିସ):** ପବିତ୍ର ଶୀତଳ ଷଷ୍ଠୀ ତଥା ଶିବ ପାର୍ବତୀ ବିବାହ ଉତ୍ସବ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଅଞ୍ଚଳରେ ଭାବଭକ୍ତିର ସହ ସୋମବାର ପାଳିତ ହୋଇଯାଇଛି। ରୀତିନୀତି ଅନୁଯାୟୀ କହ୍ନେଇପୁର ପଞ୍ଚାୟତ ଗୁଆଳିଡ଼ିହସ୍ଥିତ ଶ୍ରୀ ଶ୍ରୀ କନକେଶ୍ୱର ଓ କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ଶ୍ରୀଶ୍ରୀ କୋଟେଶ୍ୱରଙ୍କ ପୀଠରେ ଶିବପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। କନକେଶ୍ୱରଙ୍କ ପୀଠରେ ଆୟୋଜିତ ଉକ୍ତ ମାଙ୍ଗଳିକ କାର୍ଯ୍ୟରେ ବିଷ୍ଣୁ ନାଥ କନ୍ୟାପିତା ଓ ତାପସ ସାହୁ ବରପିତା ଭାବେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ସଞ୍ଜୟ କୁମାର ପତି ପୂଜକ ଭାବେ ହରପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି କ୍ଷୀରୋଦ ଚନ୍ଦ୍ର ମହାନ୍ତି, ସମ୍ପାଦକ ଧୀରେନ୍ଦ୍ର କୁମାର ଜେଠୀ, କୋଷାଧ୍ୟକ୍ଷ ଗଙ୍ଗାଧର ସାମଲ ଓ ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ବରକନ୍ୟାଙ୍କ ପକ୍ଷରୁ ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ସେହିପରି କୋଟେଶ୍ୱରଙ୍କ ପୀଠରେ ବହୁ ଆଡ଼ମ୍ବରର ସହ ଶିବପାର୍ବତୀ ବିବାହ



ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ୍ତ ଚନ୍ଦ୍ର ରଥ କନ୍ୟାପିତା ଓ ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀ ବରପିତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଉଭୟ ଶୈବପୀଠରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଅତିଥିଭାବେ ଯୋଗଦେଇ ବିଭୂକୃପା ଲାଭ କରିଥିଲେ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

**ମାହାଙ୍ଗା, ୧୦।୬(ସମିସ):** ମାନବ ସେବା ହିଁ ମାଧବ ସେବା ଏଇ ସେବା ମନ ବୃତ୍ତି ନେଇ ଓଡ଼ିଶାରେ ବିଭିନ୍ନ ସେବା ସଂଗଠନ ମାନ ଗଢିଉଠିଛି। ସେଥିମଧ୍ୟରୁ କଳିଙ୍ଗ ସମାଜ ସେବା



ସଂଗଠନ ଅନ୍ୟତମ। କଳିଙ୍ଗ ସମାଜସେବା ସଂଗଠନ ମାହାଙ୍ଗା, ବାଲିଚନ୍ଦ୍ରପୁର, ଯାଜପୁର, ସାଲେପୁର ଅଞ୍ଚଳରେ ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ରୂପେ ପରିଗଣିତ, ଆଜକୁ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ବିଭିନ୍ନ ଅଞ୍ଚଳରେ ନିସ୍ୱାର୍ଥପର ଭାବେ ସେବା ଯୋଗାଇ ଆସୁଛି। ଚଳିତ ବର୍ଷ ରଥଯାତ୍ରାରେ ଏହି ସଂଗଠନ ତରଫରୁ ଜଳ ବଣ୍ଟନ, ରନ୍ଧା ଖାଦ୍ୟ ବଣ୍ଟନ, ମେସିନ୍ ଦ୍ୱାରା ଜଳ ଛିଞ୍ଚନ, ଭିଡ଼ ନିୟନ୍ତ୍ରଣ କାର୍ଯ୍ୟ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଂଗଠନ ବହୁ ଦୁଃଖୀ ଏବଂ ଜନକଲ୍ୟାଣ କାର୍ଯ୍ୟ ନିମନ୍ତେ ସାହାଯ୍ୟର ହାତ ବଢ଼ାଇଥାଏ। ସାଧାରଣତଃ ରଥଯାତ୍ରା ଭଳି ଜନସମାଗମ ସ୍ଥଳରେ ଏହି ସଂଗଠନର କର୍ମକର୍ତ୍ତାମାନେ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ସାହାଯ୍ୟ ସହଯୋଗ କରିଥାନ୍ତି। ଆଗାମୀ ଦିନରେ ସେହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ କରି କିଭଳି ଭାବେ କର୍ମକର୍ତ୍ତାମାନେ ବିଭିନ୍ନ ଦାୟିତ୍ୱ ଗ୍ରହଣ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଭାପତି ଉତ୍କଳ ରଞ୍ଜନ ସେଠୀ, ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପସଭାପତି ସୁକାନ୍ତ ଦାସ, ସମ୍ପାଦକ ସଞ୍ଜୟ ପଣ୍ଡା, ସହ ସମ୍ପାଦକ ଅମିୟ ପ୍ରସାଦ, ହେମନ୍ତ ଦାସ, ରମେଶ ଦାସ, ସତ୍ୟବ୍ରତ ବାରିକଙ୍କ ସମେତ ସଂଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପ୍ରାକ୍ତନ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ବନ୍ଧୁମିଳନ



**ସାଲେପୁର, ୧୦।୬(ସମିସ):** ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାକ୍ତନ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ବାର୍ଷିକ ବନ୍ଧୁମିଳନ ରୋଧପୁର ଶାରଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପରିଷଦର ସଂପାଦକ ନିରଞ୍ଜନ ନାୟକ, ଆବାହକ ଆଚାର୍ଯ୍ୟ ପ୍ରଦୀପ୍ତ କାଣ୍ଡି, ସହସଂପାଦକ ରାମଚନ୍ଦ୍ର ସାହୁ, ଆଚାର୍ଯ୍ୟ ଅନନ୍ତ ଚରଣ ବାରିକ, ଦୀପକ ରାଉତରାୟ, ରମେଶ ଚନ୍ଦ୍ର ପ୍ରତାପ, ସୁବାସ ଚନ୍ଦ୍ର ସାହୁ, ରମାକାନ୍ତ ପରିଡ଼ା, ଅନନ୍ତ ଚରଣ ଦାଶ, ଆଚାର୍ଯ୍ୟ ଦୂରଦର୍ଶିନୀ ମହାନ୍ତି, ଶୁଭଲକ୍ଷ୍ମୀ ଓଝା ଯୋଗଦେଇ ନିଜ ନିଜର ଅତୀତ ଓ ବର୍ତ୍ତମାନର ଅନୁଭୂତି କଥନ କରିଥିଲେ। ଭବିଷ୍ୟତରେ ଏହି ପରିଷଦର ସ୍ଥାୟିତ୍ୱ, ଅଗ୍ରଣୀ ଉନ୍ନତି କାମନା କରିଥିଲେ।

## ଶୌର୍ଯ୍ୟ ପ୍ରଶିକ୍ଷଣ ବର୍ଗ ଉଦ୍‌ଯାପିତ

**ସାଲେପୁର, ୧୦।୬(ସମିସ):** ୭ ଦିନ ବ୍ୟାପୀ ସାଲେପୁରରେ ଅନୁଷ୍ଠିତ ହେଉଥିବା ବିଶ୍ୱହିନ୍ଦୁ ପରିଷଦ ଦୁର୍ଗା ବାହିନୀର ପ୍ରାଦେଶିକ ଶୌର୍ଯ୍ୟ ପ୍ରଶିକ୍ଷଣ ବର୍ଗ ପ୍ରାନ୍ତଃ ସଂଯୋଜିକା ସିପ୍ରା ରାଉତଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମେଜର ମଂଜୁଶ୍ରୀ ପତି ଯୋଗଦେଇ ଆମ ଦେଶର ମାତୃଶକ୍ତିକୁ ରାଷ୍ଟ୍ରଶକ୍ତିରେ ପରିଣତ ହୋଇପାରିଲେ ଆମ ଦେଶ ସମର୍ଥ ଭାରତରେ ପରିଣତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଦୁର୍ଗା ବାହିନୀର ରାଷ୍ଟ୍ରୀୟ ସଂଯୋଜିକା ପ୍ରଜ୍ଞାପରମିତା ମାହାଲ, ସମ୍ମାନିତ ଅତିଥି ରୂପେ କେନ୍ଦ୍ରୀୟ ସହସଂଗଠନ ମନ୍ତ୍ରୀ ଡଃ ବସନ୍ତ ରଥ, ବିଭାଗ ସଂଘ ଚାଳକ ଡଃ ଗୌତମ ମହାରଣା, ପର୍ଯ୍ୟାବରଣ ପ୍ରମୁଖ ବଳରାମ ଦାଶ, ଝରଣା ଜେନା, ନିର୍ମଳା ଦ୍ୱିବେଦୀ, ରାଜ୍ୟ ଉପସଭାପତି ପ୍ରଶାନ୍ତ ପଣ୍ଡା, ବର୍ଗାଧିକାରୀ ଅମିତା ସାହାଣୀ, ପ୍ରାନ୍ତଃ ଗୋରକ୍ଷା ପ୍ରମୁଖ ପବିତ୍ର ମୋହନ ଦାଶ, ବିଭୁତି କର, ପ୍ରଖଣ୍ଡ ସଭାପତି ଦିବାକର ପ୍ରଧାନ, ଅମରେଶ ବଳବନ୍ତରାୟ, ସଂକୁଳ ପ୍ରମୁଖ ଦେବେନ୍ଦ୍ର ନାଥ ପଣ୍ଡା, ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀ, ବିଶିଷ୍ଟ ଶିଳ୍ପପତି ଡ. ଦିନେଶ ଯୋଶୀ, ଧର୍ମଜାଗରଣ ସଂଯୋଜକ ଦେବେନ୍ଦ୍ର ନାୟକ ଯୋଗଦେଇଥିଲେ। ପ୍ରଶିକ୍ଷଣ ବର୍ଗର ଶିକ୍ଷାର୍ଥୀମାନେ ବିଭିନ୍ନ କଳା, କୌଶଳ ପ୍ରଦର୍ଶନ କରିଥିବାବେଳେ ଏକ ଭବ୍ୟ ପଥ ସଞ୍ଚାଳନ ନଗର ପରିକ୍ରମା କରିଥିଲା। ସାରା ରାଜ୍ୟରୁ ୧୫୦ଜଣ ଶିକ୍ଷାର୍ଥୀ ଯୋଗଦେଇଥିବାବେଳେ ଜିଲ୍ଲା ସଭାପତି ମାନସ ପଣ୍ଡା ଧନ୍ୟବାଦ ଦେଇଥିଲେ।

ସହିଦ ବିର୍ସା ମୁଣ୍ଡାଙ୍କ ତିରୋଧାନ ଦିବସ

## ହୋ' ସମାଜ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନ

**ଟାଙ୍ଗୀ, ୧୦।୬(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଳପଦା ପଞ୍ଚାୟତ ତାଳପଟ ଆଦିବାସୀ ଗ୍ରାମରେ କଟକ ଦିଶୁମ ହୋ ସମାଜ ଆନୁକୂଲ୍ୟରେ ସହିଦ ବିର୍ସା ମୁଣ୍ଡାଙ୍କ ୧୨୪ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ହୋ ସମାଜର ବରିଷ୍ଠ ଉପଦେଷ୍ଟା ରୂପନାରାୟଣ ପୂର୍ତ୍ତି ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓସିଏଲର ମୁଖ୍ୟ ସୁରକ୍ଷା ଅଧିକାରୀ ପ୍ରଦୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ ବିଶ୍ୱନାହାକାଣୀ କଲେଜର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପ୍ରଧାନ, ସଞ୍ଜୟ ପିଙ୍ଗୁଆ, ସନାତନ ଚାତାର, ବସନ୍ତ ରାଉତ, ମନ୍ମଥ ତିରିଆ, ଛବିନ୍ଦ୍ର ନାଏକ ଓ ଇନ୍ଦ୍ରମଣି ଲେୟାଙ୍ଗି ପ୍ରମୁଖ ସହିଦ ବିର୍ସା ମୁଣ୍ଡାଙ୍କ ଜୀବନୀ ଏବଂ ଦେଶ ପାଇଁ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଟାଙ୍ଗୀ ଚୌଦ୍ୱାର ଓ ଆଠଗଡ଼ ବ୍ଲକର ହୋ ସମାଜ ଆଦିବାସୀ ମୁଣ୍ଡା ସମ୍ପ୍ରଦାୟର ଦଶମ ଓ ଏକାଦଶ ପରୀକ୍ଷାରେ ଏ-୧ରେ ଭବ୍ୟ ରଞ୍ଜନ ଚାତାର, ଏ-୨ ଦିବ୍ୟଜ୍ୟୋତି ସାଣ୍ଡିଲ, ଏ-୨ ପୁଷ୍ପଲତା ବଦରାଙ୍କ ସହ ୨୮ ଜଣ ମେଧାବୀ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରତିଭା ସମ୍ମାନ-୨୦୨୪ ପ୍ରଦାନ ରୂପକ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ହୋ ସମାଜର ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାଣ୍ଡିଲ ମଞ୍ଚ ପରିଚାଳନା କରିଥିବାବେଳେ ସୁନାରାମ ସିଂକୁ, ଧନେଶ୍ୱର ସାମାଡ, ପୂର୍ଣ୍ଣଚନ୍ଦ୍ର ଗୁନ୍ଧୁଆ, ଦାମ ତିରିଆ, ସୁମିତ୍ରା ଡାଙ୍ଗିଲ, କୁନି ହେମ୍ବ୍ରମ, କନକଲତା ବାନାରା, ମଞ୍ଜୁ ଜାରିକା, ଦୁବୁଲ୍ୟ ଆଲଡା, ଶଶୀ ପୂର୍ତ୍ତି, ଦେବ କୁର୍ଲୀ, ସୁରେନ୍ଦ୍ର ତିରିଆ, ହରୀଶ ପିଙ୍ଗୁଆ, ଗଣେଶ ହେମ୍ବ୍ରମ, ରଜନୀ ମୁଣ୍ଡା ଓ ମଙ୍ଗୁଳି ତିରିଆ ପ୍ରମୁଖ ସହଯୋଗ କରିଥିବାବେଳେ ହେମନ୍ତ ବଦରା ଧନ୍ୟବାଦ ଦେଇଥିଲେ।




## ସଂକୀର୍ତ୍ତନ ଗାୟକଙ୍କ ପରଲୋକ



**ନିଶ୍ଚିନ୍ତକୋଇଲି, ୧୦।୬(ସମିସ):** ଜିଗ୍ନିପୁର ପଞ୍ଚାୟତ ମାତକତପୁର ଗ୍ରାମର ସଂକୀର୍ତ୍ତନ ଗାୟକ ଭାବଗ୍ରାହି ଦାସ (୭୨)ଙ୍କ ପରଲୋକ ହୋଇଛି। ତାଙ୍କର ଶରୀର ଅସୁସ୍ଥ ଥିବାରୁ ସେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେ ଜଣେ ସଂକୀର୍ତ୍ତନ ଗାୟକ ଭାବେ ଏ ଅଞ୍ଚଳରେ ସୁନାମ ଅର୍ଜନ କରିଥିବା ବେଳେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଏହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଏହି ଅଞ୍ଚଳର ବହୁ ସଂକୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତା ତଥା ବିଜେପି ନେତା ସୁମନ୍ତ ଘଡେଇଙ୍କ ସମେତ ବହୁ ନେତୃବୃନ୍ଦ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର କମଳାକ୍ଷ ପ୍ରସାଦ ଦାସ ମୁଖାଗ୍ନି ଦେଇଥିଲେ।

## କୋଟେଶ୍ୱରଙ୍କ ପୀଠରେ ଦେବବିବାହ



**କଟକ, ୧୦।୬(ସମିସ):** ଟାଙ୍ଗୀର ଆରାଧ୍ୟ ଶ୍ରୀ କୋଟେଶ୍ୱର ପୀଠରେ ଶୀତଳଷଷ୍ଠୀ ଓ ଦେବ ବିବାହ ଉତ୍ସବ ପାରମ୍ପରିକ ରୀତିନୀତିରେ ସମ୍ପନ୍ନ ହୋଇଛି। ପ୍ରତ୍ୟୁଷରେ ମହାପ୍ରଭୁଙ୍କ ଜଳଛାୟା, ରୁଦ୍ରାଭିଷେକ ଓ ଅନ୍ୟାନ୍ୟ ନୀତିକାନ୍ତି ପରେ ମଧ୍ୟାହ୍ନରେ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବର ପିତାମାତା ଭାବରେ ଶୁଭେନ୍ଦ୍ରନାଥ ଷଡଙ୍ଗୀ ଓ ପ୍ରଭାସିନୀ ଷଡଙ୍ଗୀ ଦାୟିତ୍ୱ ନିର୍ବାହ କରିଥିଲାବେଳେ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିୟମିତା ରଥ କନ୍ୟା ଦାନ କରିଥିଲେ। ହାତଗଣ୍ଠି ପଡ଼ିଲା ପରେ ଉପସ୍ଥିତ ଶ୍ରଦ୍ଧାଳୁ ବରକନ୍ୟାଙ୍କୁ ଉପହାର ଦେବା ସହିତ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, କୋଟେଶ୍ୱର କଲ୍ୟାଣ ସମିତିର ମୁଖ୍ୟ ପୃଷ୍ଠପୋଷକ ଡ. ପ୍ରମୋଦ ଚନ୍ଦ୍ର ରଥ, ଟାଙ୍ଗୀ-ଚୌଦ୍ୱାର ବିଡିଓ ହେମନ୍ତ ମହନ୍ତ, ଏବିଡିଓ ଶାଶ୍ୱତ ଜେନା, ସମାଜସେବୀ ପ୍ରଶାନ୍ତ କର, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ କୁଳପତି ଡ. ପ୍ରକାଶ ହୋତା, ମେଡିକାଲ କଲେଜ 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ବାବାଜୀ ମହାନ୍ତି, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସକ ବଳରାମ କର, ସନ୍ତୋଷ ସାହୁ, ଲିଙ୍ଗରାଜ ନାଥ, ଲକ୍ଷ୍ମୀ ନାରାୟଣ ଦାସ, ରବୀନ୍ଦ୍ରନାଥ ଷଡଙ୍ଗୀ, ରବୀନ୍ଦ୍ର ଲେଙ୍କା, ପ୍ରଦୀପ୍ତ ଷଡଙ୍ଗୀ, ରମେଶ ବେହେରା, ଦୈତାରୀ ସାହୁ, ଜଗବନ୍ଧୁ ବେହେରା, ଦୁର୍ଗାପ୍ରସାଦ ରଥ, ମନୋଜ ରଥ, ସନ୍ତୋଷ ସାହୁ, ଜନ୍ମେଜୟ ଖିଲାର, ନାରାୟଣ ସ୍ୱାଇଁ, ଅକ୍ଷୟ ବେହେରାଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି, ସମିତିର କର୍ମକର୍ତ୍ତା ଉତ୍ସବରେ ଯୋଗଦେଇଥିଲେ। ପଣ୍ଡିତ ପ୍ରଭାତ ଦାଶ, କ୍ଷୀରୋଦ କର, ବିଜୟ ପଣ୍ଡା ପ୍ରମୁଖ ବିବାହ କାର୍ଯ୍ୟ ଓ ପୂଜା ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଦେବଦମ୍ପତି ସଂକୀର୍ତ୍ତନ, ଘଣ୍ଟବାଦ୍ୟ, ବାଜା, ବାଣରୋଷଣୀ ସହ ସୁସଜ୍ଜିତ ରଥରେ ନଗର ପରିକ୍ରମା ଶେଷ କରି ବିଳମ୍ବିତ ରାତିରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

## ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ଚାଷୀ

### ମାହାଙ୍ଗାରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଦାବି

ମାହାଙ୍ଗା, ୧୦।୬(ସମିସ)



ମାହାଙ୍ଗା ବ୍ଲକ ମୁଖ୍ୟତଃ କୃଷି ପ୍ରାଧାନ୍ୟ ଅଞ୍ଚଳ। ଏଠାରେ ଧାନ ଫସଲ ସହିତ ବହୁ ପରିମାଣର ପନିପରିବା ଚାଷ କରାଯାଇ ବାହାର ଅଞ୍ଚଳକୁ ପଠାଯାଇଥାଏ। ତେବେ କୃଷିଜାତ ଦ୍ରବ୍ୟ ସଂରକ୍ଷଣ ରଖିବା ପାଇଁ ଶୀତଳ ଭଣ୍ଡାରଟିଏ ନ ଥିବାରୁ ଚାଷୀ ବହୁ କ୍ଷତିର ସମ୍ମୁଖୀନ ହେଉଛି। ବଳକା ପନିପରିବାକୁ ଚାଷୀ ବାଧ୍ୟ ହୋଇ ବେପାରୀଙ୍କୁ କମ୍ ଦାମ୍‌ରେ ବିକ୍ରି କରି କ୍ଷତି ସହୁଛି। ମାହାଙ୍ଗା ବ୍ଲକ ଅଞ୍ଚଳରେ ପାଖାପାଖି ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ପନିପରିବା ଚାଷ କରାଯାଇଥାଏ। ଗତ ଦୁଇ ଦଶନ୍ଧି ପୂର୍ବରୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ଶୀତଳଭଣ୍ଡାର ଓ ସାଲେପୁର ବ୍ଲକ ବହୁଗ୍ରାମ ସ୍ଥିତ ଶୀତଳ ଭଣ୍ଡାର ଉପରେ ନିର୍ଭର କରି ଚାଷୀମାନେ ସେମାନଙ୍କର ବଳକା କୃଷିଜାତ ଦ୍ରବ୍ୟକୁ ସାଇତି ରଖୁଥିଲେ। କାଳକ୍ରମେ ଏହି ଦୁଇ ଶୀତଳ ଭଣ୍ଡାର ବନ୍ଦ ହୋଇଯିବାରୁ ମାହାଙ୍ଗାର ଆଗୁଆ ଚାଷୀମାନେ ପନିପରିବା ଚାଷ ପ୍ରତି ବିମୁଖ ହୋଇଛନ୍ତି। ବିଶେଷକରି ମାହାଙ୍ଗାରୁ ଆଳୁ, କୋବି, ବିଲାତି ବାଇଗଣ, ବାଇଗଣ, ପୋଟଳ, କଖାରୁ ଆଦି ପନିପରିବା ଅମଳ ହେଉଥିବାବେଳେ ବଳକା ପନିପରିବାକୁ ସାଇତି ରଖିବା ପାଇଁ ସୁବିଧା ନାହିଁ। ସରକାରଙ୍କ ପକ୍ଷରୁ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ପ୍ରତିଶ୍ରୁତି ମିଳୁଥିବାବେଳେ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉନାହିଁ ଓ କୃଷି ଓ କୃଷକଙ୍କ ବିକାଶ ପାଇଁ ମାହାଙ୍ଗାରେ ଏକ ଶୀତକ ଭଣ୍ଡାର ପ୍ରତିଷ୍ଠା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି। ଶୀତଳ ଭଣ୍ଡାରଟିଏ ହେବା ଦ୍ୱାରା ଚାଷୀଙ୍କ ମହଲରେ ଆଗୁଆ ଫସଲ ଉତ୍ପାଦନ କରିବାର ଆଗ୍ରହ ବଢ଼ିବା ସହ ଭଲ ଦୁଇ ପଇସା ଲାଭ କରିପାରିବେ ବୋଲି ମାହାଙ୍ଗା ଚାଷୀ କହୁଥିବା ଶୁଣିବାକୁ ମିଳୁଛି।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ



**କଟକ,୧୦।୬(ସମିସ):** ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ କଟକ ଶାଖା ପକ୍ଷରୁ ଯୋବ୍ରାସ୍ଥିତ ଲକ୍ଷ୍ମୀବଜାର ଛକରେ ଥଣ୍ଡା ପାନୀୟ ଜଳ ମେସିନ ଲୋକାର୍ପିତ ହୋଇଯାଇଛି। ଗତକାଲି ଅପରାହ୍ନରେ ଆୟୋଜିତ ଉତ୍ସବରେ ସମ୍ମେଳନର ଅଧ୍ୟକ୍ଷ ଦିନେଶ ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ଥାନୀୟ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ ଓ ମେସିନ ଦାନଦାତା ପ୍ରକାଶଚନ୍ଦ୍ର ଜୈନ ମିଳିତ ଭାବେ ଲୋକାର୍ପଣ କରିଥିଲେ। ଯୁବ ପ୍ରାଦେଶିକ ମାରୱାଡି ସମ୍ମେଳନର ଉଦ୍ୟମରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ସମ୍ମେଳନର ପୂର୍ବତନ ସଭାପତି ସୁରେଶ କମାନୀ, ବରିଷ୍ଠ ସଦସ୍ୟ କମଲ ଅଗ୍ରୱାଲ, ଲୋକସମ୍ପର୍କ ଅଧିକାରୀ ନିର୍ମଳ ପୂର୍ବା, ଉପାଧ୍ୟକ୍ଷ ଅଶୋକ ଚୌବେ, ରମେଶ ଚୌଧୁରୀ, ବଜରଙ୍ଗ ଚିମନକା, ପ୍ରକାଶ ଅଗ୍ରୱାଲ ଓ ସୁରେନ୍ଦ୍ର ବର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ମେଳନର ବରିଷ୍ଠ ସଦସ୍ୟ ପ୍ରକାଶଚନ୍ଦ୍ର ଜୈନ ନିଜ ପିତାମାତାଙ୍କ ପୁଣ୍ୟତିଥି ଅବସରରେ ଥଣ୍ଡା ପାନୀୟ ମେସିନ ଦାନ କରିଥିବାରୁ ତାଙ୍କ ମହନୀୟ ଉଦ୍ୟମର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ନବନିର୍ମାଣ ବିକାଶମଞ୍ଚର କେନ୍ଦ୍ରୀୟ ସଭାପତି ଆଇନଜୀବୀ ଡ. ଜ୍ଞାନଗୁରୁ ଦାସ, ଯୋବ୍ରା ଅଞ୍ଚଳର ସଭାପତି ପ୍ରମୋଦ କୁମାର ଜେନା, ସମ୍ପାଦକ ଶ୍ରୀମନ୍ତ ଦାସ, ସମାଜସେବୀ ନିକୁଞ୍ଜ ପଶାୟତ, ରାମକିଶନ ଶର୍ମା, ସଂଗୀତା ଶର୍ମା, ସୁରଜ ଲଢ଼ାନିଆ, ମନୋଜ ଗୋୟନକା, ରାଜେଶ ଗୋୟେଲ, ସୁନୀଲ କୋଠାରୀ ଓ ବିଜୟ ସାମଲ ପ୍ରମୁଖ ବ୍ୟକ୍ତି ଯୋଗଦେଇଥିଲେ। ଜୈନ ପରିବାରର ସମସ୍ତ ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ସମସ୍ତଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରିବା ସହିତ ଜଳପାନରେ ଆପ୍ୟାୟିତ କରିଥିଲେ।

## ଏସ୍‌ସିବି ନନ୍‌ଟ୍ରମା କାଜୁଆଲ୍‌ଟି

# ୪୦୦ ରୋଗୀଙ୍କୁ ୪ ନର୍ସ!

କଟକ,୧୦।୬(ସମିସ)

ନନଟ୍ରମା କାଜୁଆଲଟିରେ ରୋଗୀସେବାରେ ବ୍ୟାଘାତ ଘଟୁଛି। ଦିନରାତି ଏଠାରେ ରୋଗୀଙ୍କ ଭିଡ ଜମୁଥିବା ବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବା ପାଇଁ ଆବଶ୍ୟକ ସଂଖ୍ୟକ ନର୍ସ ରହୁନାହାନ୍ତି। ଗୋଟିଏ ସିଫ୍ଟରେ ୪ଜଣ ନର୍ସଙ୍କୁ ଏସ୍‌ସିବି କର୍ତ୍ତୃପକ୍ଷ ନନଟ୍ରମା କାଜୁଆଲଟିରେ ଡ୍ୟୁଟି ଦେଉଛନ୍ତି। ଯାହାକୁ ନେଇ ସମସ୍ୟା ଦେଖାଦେଉଛି। ଜନୈକ ଷ୍ଟାଫ ନର୍ସଙ୍କ ଅଭିଯୋଗ ଅନୁସାରେ, ନନଟ୍ରମା କାଜୁଆଲଟିକୁ ଶତାଧିକ ରୋଗୀ ଆସୁଛନ୍ତି। କେବଳ ରାତି ସମୟରେ ରୋଗୀଙ୍କ ସଂଖ୍ୟା ଏଠାରେ ୪୦୦ରୁ ଅଧିକ ରହୁଛି। ମାତ୍ର ୪ଜଣ ନର୍ସଙ୍କୁ ନେଇ କାଜୁଆଲିଟି ପରିଚାଳନା କରିବା କାଠିକର ପାଠ ହେଉଛି। ଏହା ଭିତରେ କେହି ଛୁଟିରେ ରହିଲେ ସ୍ଥିତି ସଙ୍ଗୀନ ହୋଇଯାଉଛି। ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ଅସନ୍ତୋଷର ଶିକାର ହେଉଛନ୍ତି ଡ୍ୟୁଟି କରୁଥିବା ନର୍ସ। ମେଡିକାଲ କର୍ତ୍ତୃପକ୍ଷ ଏ ବାବଦରେ ଦୃଷ୍ଟି ଦେବା ଉଚିତ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



- ଏନ୍‌ଏମ୍‌ସି, ଆଇଏନ୍‌ସି ଗାଇଡ୍‌ଲାଇନକୁ ଅଣଦେଖା
- ଫାଙ୍କା ପଡ଼ିଛି ୨୦୦ରୁ ଅଧିକ ନର୍ସ ପଦ

ରାଜ୍ୟର ସର୍ବବୃହତ୍ତ ସରକାରୀ ହସ୍ପିଟାଲ ଭାବେ ପରିଗଣିତ ବଡ଼ ମେଡିକାଲରେ ଶଯ୍ୟା ସଂଖ୍ୟା ବୃଦ୍ଧି ପାଇଛି। ସମ୍ପ୍ରତି ଏସ୍‌ସିବିରେ ଶଯ୍ୟାସଂଖ୍ୟା ୨୧୦୦। ଅନେକ ୱାର୍ଡରେ ରୋଗୀ ଚଟାଣରେ ଶୋଇ ମଧ୍ୟ ଚିକିତ୍ସିତ ହେଉଛନ୍ତି। ଏଣୁ ଏସ୍‌ସିବିରେ ରୋଗୀ ସଂଖ୍ୟା ଆନୁମାନିକ ୩୦୦୦। ଜାତୀୟ ମେଡିକାଲ କମିଶନ(ଏନଏମସି) ଏବଂ ଇଣ୍ଡିଆନ ନର୍ସିଂ କାଉନସିଲ(ଆଇଏନସି) ଗାଇଡଲାଇନ ଅନୁସାରେ, ମେଡିକାଲରେ ରୋଗୀ ଏବଂ ନର୍ସ ଅନୁପାତ ୩:୧ ରହିବା ଉଚିତ। ଅର୍ଥାତ ୩ଜଣ ରୋଗୀଙ୍କ ନିମନ୍ତେ ଜଣେ ନର୍ସ ରହିବେ। ସେହିପରି ଗାଇଡଲାଇନ ଅନୁଯାୟୀ ଆଇସିୟୁ ଗୁଡିକ ନିମନ୍ତେ ଅନୁପାତ ଭିନ୍ନ ରହିଛି। ଆଇସିୟୁରେ ରୋଗୀ ଏବଂ ନର୍ସ ଅନୁପାତ ହେଉଛି ୧:୧। ଜଣେ ରୋଗୀ ପାଇଁ ଜଣେ ନର୍ସ ରହିବା ଆବଶ୍ୟକ। ଏସ୍‌ସିବି ମେଡିକାଲରେ ୩ ହଜାରରୁ ଅଧିକ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଏଠାରେ ନର୍ସ ଅଛନ୍ତି ୧୦୨୬ଜଣ। ତେବେ ବଡ ମେଡିକାଲରେ ନର୍ସ ମାନଙ୍କ ମଞ୍ଜୁରପ୍ରାପ୍ତ ପଦ ହେଉଛି ୧୨୮୧ଜଣ। ୨୦୦ରୁ ଅଧିକ ନର୍ସ ପଦ ଏବେ ବି ଫାଙ୍କା ରହିଛି।

ଜଣେ ନର୍ସଙ୍କ ଅଭିଯୋଗ ଅନୁସାରେ, ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏନେଇ ଅନେକ ଥର ଅବଗତ କରାଯାଇଛି। ଏ ସଂକ୍ରାନ୍ତରେ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନର୍ସମାନେ ଚିଠି ମଧ୍ୟ ଲେଖିଛନ୍ତି। ହେଲେ କୌଣସି ସନ୍ତୋଷଜନକ ଉତ୍ତର ମିଳି ପାରିନାହିଁ। ଏସ୍‌ସିବି ମେଡିକାଲରେ ନର୍ସ ସଙ୍କଟ ରହିଥିବା ହେତୁ ଆଇସିୟୁରେ ସମସ୍ୟା ହେଉଛି। ଆଇସିୟୁରେ ୪୦ଜଣ ରୋଗୀଙ୍କ ଦେଖାଶୁଣା କରିବା ପାଇଁ ମାତ୍ର ୧୦ଜଣ ନର୍ସଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଦାୟିତ୍ୱ ବଣ୍ଟନରେ ତ୍ରୁଟି ହେତୁ ଏହି ସମସ୍ୟା ବହୁଗୁଣିତ ହୋଇଛି ବୋଲି ସେ କହିଛନ୍ତି। ତାଙ୍କ କହିବା ମୁତାବକ, ଏସ୍‌ସିବି ମେଡିକାଲରେ ଯେତିକି ନର୍ସ ନିଯୁକ୍ତ ହୋଇଛନ୍ତି ସେମାନଙ୍କୁ ନେଇ ରୋଗୀ ସେବା ସଠିକ ଭାବେ କରାଯାଇ ପାରିବ। ହେଲେ ସଠିକ ଭାବେ ଦାୟିତ୍ୱ ବଣ୍ଟନ କରାଯାଉନାହିଁ। କିଛି ନର୍ସଙ୍କୁ ରୋଗୀ ସେବା ବ୍ୟତୀତ ଅନ୍ୟ ଡ୍ୟୁଟିରେ ମଧ୍ୟ ନିୟୋଜିତ କରାଯାଉଛି ବୋଲି ସେ ଅଭିଯୋଗ ଉଠାଉଛନ୍ତି। ସେହିପରି ମେଡିକାଲର ଜଣେ ବରିଷ୍ଠ ଡାକ୍ତର ଆଲୋଚନା ପ୍ରସଙ୍ଗରେ କହିଛନ୍ତି ଯେ ନର୍ସ ପଦ ପୂରଣ କରିବା ପାଇଁ ଉଦ୍ୟମ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଚିଠି ଲେଖାଯାଇଛି। ଏ ଦିଗରେ ଗୁରୁତ୍ୱ ଦେଇ ଫାଙ୍କା ପଡିଥିବା ନର୍ସ ପଦ ଖୁବଶୀଘ୍ର ପୂରଣ କରାଯିବ ବୋଲି ସେ କହିଛନ୍ତି।

# ମହିଳାଙ୍କୁ ଆକ୍ରମଣ କରି ଯୁବକ ଗିରଫ

**କଟକ,୧୦।୬(ସମିସ):** ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ର କରି ଝିଆରୀ ଜ୍ୱାଇଁର ଆକ୍ରମଣରେ ଖୁଡି ଶାଶୂ ଆହତ ହୋଇଛନ୍ତି। ଏହି ଘଟଣାରେ ସିଆରଆରଆଇ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ତିନିଘରିଆ ଅଞ୍ଚଳର ଶୁଭେନ୍ଦୁ ପ୍ରଧାନ। ଆଜି ତାକୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, କହ୍ନେଇପୁରରେ ରହୁଥିବା ବୁଲୁ ପ୍ରଧାନଙ୍କ ବଡ ଭାଇର ଝିଅକୁ ବିବାହ କରିଛି ଅଭିଯୁକ୍ତ ଶୁଭେନ୍ଦୁ। ପୈତୃକ ଜମିବାଡି ଭାଗବଣ୍ଟାକୁ ନେଇ ୨ ଭାଇଙ୍କ ମଧ୍ୟରେ ଦୀର୍ଘ ବର୍ଷ ହେବ ବିବାଦ ଲାଗି ରହିଥିଲା। ବହୁବାର ଆପୋଷ ସମାଧାନ ସତ୍ତ୍ୱେ କୌଣସି ସମାଧାନ ହୋଇପାରି ନ ଥିଲା। ଏହି ମାମଲାରେ ଜ୍ୱାଇଁ ଶୁଭେନ୍ଦୁ ହସ୍ତକ୍ଷେପ କରିବା ପରଠୁ ୨ ପରିବାର ଭିତରେ ତିକ୍ତତା ଆହୁରି ବଢିଥିଲା। ଘଟଣାକ୍ରମେ ରବିବାର ବୁଲୁ କୌଣସି କାମରେ ବାହାରକୁ ଯାଇଥିଲେ। ଏହି ସମୟରେ ଶୁଭେନ୍ଦୁ ପ୍ରଚୁର ମଦ୍ୟପାନ କରି ଆସି ତାଙ୍କ ଘର ସମ୍ମୁଖରେ ଗାଳିଗୁଲଜ କରିଥିଲା। ପ୍ରତିବାଦ କରିବାକୁ ଆସି ଜାନକୀ ଓ ଶୁଭେନ୍ଦୁ ମଧ୍ୟରେ ଜୋରଦାର ବଚସା ହୋଇଥିଲା। ଏତିକିବେଳେ ଶୁଭେନ୍ଦୁ ତାଙ୍କୁ ମାରଧର କରିବା ସହ ହତ୍ୟା ଧମକ ଦେଇଥିଲା। ଏହାଦେଖି ଜାନକୀଙ୍କ ଝିଅ ଆସି ଅଟକାଇବାକୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ସାହିପଡିଶାଙ୍କ ଠାରୁ ଖବର ପାଇ ପୁଲିସ ସେଠାରେ ପହଞ୍ଚିଥିଲା। ମାତ୍ର ସେତେବେଳକୁ ଶୁଭେନ୍ଦୁ ଫେରାର ହୋଇଯାଇଥିଲା। ଏନେଇ ଥାନାରେ ଏତଲା ହେବା ପରେ ପୁଲିସ ମାମଲା ରୁଜୁ କରି ସୋମବାର ଅଭିଯୁକ୍ତ ଶୁଭେନ୍ଦୁକୁ ଗିରଫ କରିଛି।

# ଅଂଶୁଘାତରେ ଆଉ ୨ ଜଣଙ୍କ ମୃତ୍ୟୁ

**କଟକ,୧୦।୬(ସମିସ):** କଟକ ଜିଲ୍ଲାରେ ଆଉ ୨ଜଣଙ୍କ ଅଂଶୁଘାତ ଜନିତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସୋମବାର ବାଙ୍କୀ ଅଞ୍ଚଳର ଦୁଇ ଜଣ ପ୍ରାଣ ହରାଇଛନ୍ତି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଜଣେ ବାଙ୍କୀ କନ୍ତପଁରାର ହୋଇଥିବା ବେଳେ ଅନ୍ୟଜଣେ ମୃତକଙ୍କ ଘର ସୁବର୍ଣ୍ଣପୁର ଅଞ୍ଚଳରେ। ଦୁଇ ମୃତକଙ୍କ ଭିତରୁ ଜଣଙ୍କ ଶବ ବ୍ୟବଚ୍ଛେଦ ହୋଇଛି ବୋଲି ଜଣାପଡ଼ିଛି। ତେବେ ଏଥି ସହିତ ଚଳିତବର୍ଷ କଟକ ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ୧୧ ଛୁଇଁଛି।

# ରାମଲୀଳା ଉତ୍ସବ ଉଦ୍‌ଯାପିତ

**କଟକ,୧୦।୬(ସମିସ):** ଅନନ୍ତ ଗୋପାଳଜୀଉ ଅଲିଶା ବଜାର କୈବର୍ତ୍ତ ସାହି ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗତ ୨ଦିନ ଧରି ଚାଲିଥିବା ରାମଲୀଳା ମହୋତ୍ସବ ଉଦଯାପିତ ହୋଯାଇଛି। ପ୍ରଥମ ରାତିରେ ଶ୍ରୀ ଶ୍ରୀ ଗଣେଶ କଳା ମନ୍ଦିର ତରଫରୁ ବିଷୟବସ୍ତୁ ସୀତା ଚୋରୀ ଏବଂ ଦ୍ୱିତୀୟ ରାତିରେ ନୃସିଂହନାଥ ରାମଲୀଳା ସମିତି ଡ଼ଗରପଡ଼ା ପକ୍ଷରୁ ରାବଣ ବଧ ବିଷୟବସ୍ତୁ ଉପରେ ରାମଲୀଳା ଦେଖିବା ପାଇଁ ଅଲିଶାବଜାର କୈବର୍ତ୍ତ ସାହି ସ୍ଥିତ ଜଗନ୍ନାଥ ମନ୍ଦିର ସାମନାରେ ରାତିରେ ଭିଡ଼ ଜମିଥିଲା। ଏଥିରେ ସାହିର ଯୁବକମାନେ ଏବଂ ସାହିର ମୁରବୀମାନେ ଉପସ୍ଥିତ ଥିଲେ। ଅନନ୍ତ ଗୋପାଳଜୀଉ ଯୁବକମାନେ ଅଂଶଗ୍ରହଣ କରି ରାମଲୀଳା କାର୍ଯ୍ୟକ୍ରମକୁ ସମ୍ପାଦନ କରିଛନ୍ତି। ଏଥିରେ ଅନନ୍ତ ଗୋପାଳଜୀଉ ମନ୍ଦିରର ମହନ୍ତ ବଟକୃଷ୍ଣ ବେହେରା, ଅଧିକାରୀ ମଦନମୋହନ ବେହେରା, କଟୁଆଳ ପୂର୍ଣ୍ଣଚନ୍ଦ୍ର ସାହୁ, କାର୍ଯ୍ୟକାରୀ କଟୁଆଳ ଦେବରାଜ ବେହେରା, ରଘୁନାଥ ବେହେରା, ପର୍ଶୁରାମ ବେହେରା, ନାରାୟଣ ପୃଷ୍ଟି, ରାକେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ବନ୍ଦ କରିବାକୁ ବିଧାୟକଙ୍କ ନିର୍ଦ୍ଦେଶ

କଟକ,୧୦।୬(ସମିସ)

କଟକ ମହାନଗର ନିଗମର ୱାର୍ଡ ନଂ ୪୧ ଯୋବ୍ରା ମ୍ୟୁନିସିପାଲିଟି ଉଚ୍ଚ ବିଦ୍ୟାଳୟ, ଜଗନ୍ନାଥ ଛାତ୍ରବାସ ନିକଟରେ କଟକ ମହାନଗର ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ପରିଦର୍ଶନ କରି ଏହା ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଚୌଦ୍ୱାର-କଟକର ବିଧାୟକ ସୌଭିକ ବିଶ୍ୱାଳ। ଏହି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଦୁର୍ଗନ୍ଧରେ ଯୋବ୍ରାବାସୀ ଅତିଷ୍ଠ ହୋଇ ସ୍ଥାନାନ୍ତର କରିବାକୁ ବିଧାୟକ ଶ୍ରୀ ବିଶ୍ୱାଳଙ୍କୁ ଜଣାଇଥିଲେ। ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ଆଜି ନିଜେ ବିଧାୟକ ଶ୍ରୀ ବିଶ୍ୱାଳ କଟକ ମହାନଗର ନିଗମର ଆଡିସିନାଲ କମିଶନର ଅନାମ ସାହୁ, ଡେପୁଟୀ କମିଶନର ତ୍ରିନାଥ ବେହେରା, ସାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ



ମହାପାତ୍ର ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ ଓ ଘଟଣାର ଅନୁସନ୍ଧାନ କରିବା ସହ ସେଣ୍ଟରଟିକୁ ବନ୍ଦ କରିବା ସହ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଉପସ୍ଥିତ କଟକ ମହାନଗର ନିଗମର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯୋବ୍ରା ଦୁର୍ଗାପୁଜା କମିଟିର ସଭାପତି ଓ ସମ୍ପାଦକଙ୍କ ସହ ସ୍ଥାନୀୟ ମୁରବୀ ମୃତ୍ୟୁଞ୍ଜୟ ବେହେରା, ମନୋରଞ୍ଜନ ଜେନା, ତନ୍ମୟ ପଣ୍ଡା, ପ୍ରଶାନ୍ତ ଜେନା, ଜାହିର ହୁସେନ, ଶୁକାନ୍ତି ସାମଲ, ଶାରଦା ପ୍ରସନ୍ନ ମହାନ୍ତି, ଏସ୍‌କେ. ବାବୁ, ଅଜୟ ମହାନ୍ତି, ପ୍ରମୁଖଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ସରକାରୀ ଜମିରେ ଗୃହ ନିର୍ମାଣକୁ ବିରୋଧ



**ମାହାଙ୍ଗା,୧୦।୬(ସମିସ):** ବର୍ତ୍ତମାନ ସମୟରେ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମିକୁ ଜୋରଜବରଦସ୍ତ ଦଖଲ କରିବା ସହ ଗୃହ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି। ଯଦି କେହି ଏହାକୁ ବିରୋଧ କରୁଛି ତେବେ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦିଆଯାଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ତହସିଲ ଅନ୍ତର୍ଗତ କଇଥା ପଞ୍ଚାୟତ ତ୍ରିନାଥପୁର ଗୁନି ସାହି ଗ୍ରାମରେ। ତ୍ରିନାଥପୁର ଗୁନି ସାହି ଗ୍ରାମର ସ୍ୱର୍ଗତ ରମେଶ ଗାହାଣଙ୍କ ପୁତ୍ର ରଜତ ଗାହାଣ ବେଆଇନ ଭାବେ ଗେଙ୍ଗୁଟୀ ନଦୀ ପାର୍ଶ୍ୱରେ ଏକ ଗୃହ ନିର୍ମାଣ କରୁଛନ୍ତି। ଏନେଇ ଏହି ଗ୍ରାମର ଅମୁଲ୍ୟ ଗାହାଣଙ୍କ ସହ ସ୍ଥାନୀୟ ଗ୍ରାମବାସୀ ଗୃହ ନିର୍ମାଣକୁ ବିରୋଧ କରିବା ସହ ତହସିଲଠାରୁ ଆରମ୍ଭ କରି ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜଳ ନିକାଶ ବିଭାଗ ଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟକୁ ବନ୍ଦ କରାଯାଇଥିଲା। ଏବେ ରଜତ ପୁଣି ଥରେ ଗୃହ ନିର୍ମାଣ କରୁଛନ୍ତି। ଏନେଇ ସ୍ଥାନୀୟ ଗ୍ରାମବାସୀମାନେ ଜଳ ନିକାଶ ବିଭାଗକୁ ଜଣାଇଥିଲେ। ଜଳ ନିକାଶ ପକ୍ଷରୁ ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଚିଠି ମାଧ୍ୟମରେ ତହସିଲକୁ ଜଣାଇଥିଲେ ସୁଦ୍ଧା କାହିଁକି ଓ କେଉଁଥି ପାଇଁ ଏହି ଗୃହ କାର୍ଯ୍ୟ ଚାଲୁରହିଛି ତାହା ବୁଝା ପଡୁନାହିଁ। ଏନେଇ ତହସିଲଦାର ସୁଶାନ୍ତ ମିଶ୍ର କହିଛନ୍ତି, ତହସିଲ ପକ୍ଷରୁ ଏହି କାର୍ଯ୍ୟ ବନ୍ଦ କରାଯାଇଥିଲା। ଯଦି ସେ ପୁଣି ଏହି ଗୃହ ନିର୍ମାଣ କରୁଥାନ୍ତି ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷରେ ଏହି ଗୃହ ନିର୍ମାଣକୁ ଖୁବ୍ ଶୀଘ୍ର ବନ୍ଦ କରିବା ସହ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ଋଷିକୂଲ୍ୟା ପରିଷଦର ବାର୍ଷିକୋତ୍ସବ

**କଟକ,୧୦।୬(ସମିସ):** ଋଷିକୂଲ୍ୟା ପରିଷଦର ୨୭ତମ ବାର୍ଷିକୋତ୍ସବ ସିଡିଏ ସେକ୍ଟର-୮ସ୍ଥିତ ଜନଶିକ୍ଷା ସଂସ୍ଥାନରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଆଇପିଏସ୍ ତଥା ପରିଷଦର ସଭାପତି ଏମ ଅକ୍ଷୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପରିଷଦର ଉପସଭାପତି ଗୌର ପଟ୍ଟନାୟକ, ଆଦିତ୍ୟ ପ୍ରସାଦ ରଥ, ଏସ୍ ସୁଧାକର ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ କୋରା ପ୍ରସାଦ ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ମିଶ୍ର ପରିଷଦର ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପରିଷଦର ଦିବଂଗତ ସଭ୍ୟ ରବୀନ୍ଦ୍ର କୁମାର ପଟ୍ଟନାୟକ ଏବଂ ରଞ୍ଜନ ପୃଷ୍ଟିଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଆଗାମୀ ୨ ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ଏମ ଅକ୍ଷୟ, ଉପସଭାପତି ଭାବେ ଗୌର ପଟ୍ଟନାୟକ, ଆଦିତ୍ୟ ପ୍ରସାଦ ରଥ,




ହରିହର ପାଣିଗ୍ରାହୀ, ବିଶ୍ୱଜିତ ମିଶ୍ର, ସାଧାରଣ ସମ୍ପାଦକ ଭାବେ କୋରା ପ୍ରସାଦ ପାଢ଼ୀ, ଯୁଗ୍ମ ସମ୍ପାଦକ ଭାବେ ଡଃ ସଂଯୁକ୍ତା ପାଢ଼ୀ, ପ୍ରତାପ ମିଶ୍ର, ଲତା ପଟ୍ଟନାୟକ, ଚନ୍ଦନ ତ୍ରିପାଠୀ, ରୀତା ପାଢ଼ୀ, କୋଷାଧ୍ୟକ୍ଷ ଭାବେ କୃଷ୍ଣଚନ୍ଦ୍ର ସୁବୁଦ୍ଧି, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରଶ୍ମୀ ପଟ୍ଟନାୟକ, ଏନ ଭେନୁ ଗୋପାଳ, ଆର.ପି ନାୟକ, ପ୍ରଶାନ୍ତ ପାତ୍ର, ଦେବାଶିଷ ରାଜଗୁରୁ, ନୀଳାମ୍ବର ମହାପାତ୍ର ମନୋନୀତ ହୋଇଛନ୍ତି। ସୁବ୍ରତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଏସ୍ ସୁଧାକର ରାଓ ଧନ୍ୟବାଦ ଦେଇଥିଲେ।

# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ 'ଭାଷା ସାହିତ୍ୟ ଚର୍ଚ୍ଚା'



**କଟକ,୧୦।୬(ସମିସ):** ଉତ୍କଳ ସାହିତ୍ୟ ସମାଜର ପ୍ରଥମ ସଭାପତି ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧର ଅକ୍ଷର ଶିକ୍ଷା ପଦ୍ଧତି ସର୍ବୋତ୍କୃଷ୍ଟ। ଏକ ଶହ ବର୍ଷ ପରେ ମଧ୍ୟ ଏହି ପଦ୍ଧତି ହିଁ ସମସ୍ତଙ୍କ ଦ୍ୱାରା ଗ୍ରହଣ କରାଯିବା ଦରକାର। 'ଅ' 'ଆ'ଠାରୁ ଆରମ୍ଭ କରି ଓଡ଼ିଆ ଅକ୍ଷର ଶିକ୍ଷା କଲେ ହିଁ ଯେକୌଣସି ବିଦ୍ୟାର୍ଥୀଙ୍କୁ ସହଜରେ ଓଡ଼ିଆ ଶିକ୍ଷା ଦିଆଯାଇ ପାରିବ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଦ୍ୱିମାସିକ ଭାଷା ସାହିତ୍ୟ ଚର୍ଚ୍ଚାରେ ବିଶିଷ୍ଟ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି ପ୍ରକାଶ କରିଛନ୍ତି।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ପୀଠ ଶତାବ୍ଦୀ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଶ୍ରୀ ମହାନ୍ତି 'ବର୍ତ୍ତମାନର ଓଡ଼ିଆ ଅକ୍ଷର ଶିକ୍ଷା ପଦ୍ଧତିର ଅନ୍ଧକାର ଦିଗ' ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରି କହିଥିଲେ ଯେ, ବିଭିନ୍ନ ସମୟରେ ଅକ୍ଷର ରଚନା କ୍ଷେତ୍ରରେ ସଂସ୍କାର କରିବାକୁ ହୋଇଥିବା ଉଦ୍ୟମ ସଫଳ ହୋଇନି ବରଂ ଏହା ଓଡ଼ିଆ ଭାଷା ସାହିତ୍ୟର ସମ୍ଭ୍ରାନ୍ତପଣକୁ କ୍ଷୁଣ୍ଣ କରିଛି। ଏହି ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସାହିତ୍ୟ ଆଲୋଚନାର ସଂପାଦକ ସରୋଜିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଶ୍ନୋତ୍ତରରେ ମନୋରଞ୍ଜନ ମିଶ୍ର, ଉମାଶଙ୍କର ମିଶ୍ର ଓ ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଅଂଶଗ୍ରହଣ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ମନୋଜ ପଟ୍ଟନାୟକ, ପୂର୍ବତନ ଉପସଭାପତି ତଥା କଟକ ଶାଖାର ଆବାହକ ସୁସ୍ମିତା ରଥ, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି, ତପନ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ଦାସଙ୍କ ସମେତ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

## ଦେଶ ବିରୋଧୀ ସ୍ଲୋଗାନ୍ ଘଟଣା

# 'ଏଡିଟେଡ୍ ଭିଡିଓ'କୁ ନେଇ କଂଗ୍ରେସ କର୍ମୀଙ୍କ ଏତଲା

କଟକ,୧୦।୬(ସମିସ)

କଟକ ସହରରେ ଦେଶ ବିରୋଧୀ ସ୍ଲୋଗାନ୍ ଦେବା ଭିଡିଓ ଭାଇରାଲକୁ ନେଇ ଉପୁଜିଥିବା ବିବାଦ ଆଜି ସାଇବର ଥାନାରେ ପହଞ୍ଚିଛି। ଏହା ବିରୋଧରେ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଅନ୍ୟପଟେ ଘଟଣାର ସତ୍ୟତା ଉନ୍ମୋଚନ ପାଇଁ କଂଗ୍ରେସ କର୍ମୀ ସାଇବର ଥାନାରେ ଏତଲା ଦେଇଛନ୍ତି। ଭିଡିଓକୁ ଏଡିଟ୍ କରି ଅପପ୍ରଚାର କରାଯାଉଥିବା ସମ୍ପର୍କରେ ସାଇବର ଥାନାରେ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଦୁଇ ଦିନ ହେବ ସିଏମସି ୧୩ନଂ ୱାର୍ଡରେ ଅନୁଷ୍ଠିତ ଏକ ଶୋଭାଯାତ୍ରାରେ 'ପାକିସ୍ଥାନ ଜିନ୍ଦାବାଦ୍' କୁହାଯାଉଥିବାର ଭିଡିଓ ଭାଇରାଲ ହୋଇଥିଲା। ଏନେଇ କାଳୀଗଳି ମହିଦାସ ବଜାରର ବରିଷ୍ଠ କଂଗ୍ରେସ ନେତା ବି. ଡେଭିଡ ସାଇବର ଥାନାରେ ଏତଲା ଦେଇଛନ୍ତି। ସେ ଦର୍ଶାଇଛନ୍ତି ଯେ ଗତ ୪ ତାରିଖରେ ବାରବାଟୀ କଟକ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଜିତିବା ପରେ ସନ୍ଧ୍ୟାରେ ୱାର୍ଡରେ ଏକ ବିଜୟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ଦଳୀୟ ନେତା ଓ କର୍ମୀ ନବନିର୍ବାଚିତ ବିଧାୟିକାଙ୍କ ବ୍ୟାନର ଧରି ଅଞ୍ଚଳ ପରିକ୍ରମା କରିଥିଲେ। ସେହି ସମୟରେ କେହି ହେଲେ ବିବାଦୀୟ ବା ଆପତ୍ତିଜନକ ଦେଶ ବିରୋଧୀ ମନ୍ତବ୍ୟ ଦେଇ ନ ଥିଲେ। ଏବେ ସେହି ଶୋଭାଯାତ୍ରା ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯେଉଁଥିରେ ଦେଶବିରୋଧୀ ନାରା ତଥା ପାକିସ୍ଥାନ ଜିନ୍ଦାବାଦ ଦିଆଯାଉଥିବା ଶୁଣିବାକୁ ମିଳୁଛି। କେହି ଅସାଧୁ ବ୍ୟକ୍ତି ଅସଲି ଭିଡିଓକୁ ଏଡିଟ କରି ସେଥିରେ ଦେଶ ବିରୋଧୀ ନାରା ଯୋଡି ଅପପ୍ରଚାର କରୁଥିବା ଡେଭିଡ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏହାଦ୍ୱାରା କଂଗ୍ରେସ ଦଳ, ନେତ୍ରୀ ଓ କର୍ମୀଙ୍କ ସମ୍ମାନହାନି ହୋଇଛି। ତୁରନ୍ତ ଏହା ଘଟଣାର ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଅଣାଯିବା ସହିତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏତଲା ପ୍ରଦାନ ସମୟରେ କଂଗ୍ରେସର ଅନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥଲେ। ଅନ୍ୟପଟେ, ଏହି ଘଟଣାକୁ ନେଇ ରବିବାର ବିଜେପି ଓ ହିନ୍ଦୁସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏ ସମ୍ପର୍କରେ ଉଭୟ ସଂଗଠନ ପକ୍ଷରୁ ଲାଲବାଗ ଥାନାରେ ମଧ୍ୟ ଏତଲା ଦିଆଯାଇଛି। ପୁଲିସ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେଲେ ଆଗକୁ ପ୍ରତିବାଦ ଆହୁରି ତୀବ୍ରତର ହେବ ବୋଲି ଉଭୟ ଗୋଷ୍ଠୀ ପକ୍ଷରୁ ଚେତାଇ ଦିଆଯାଇଛି।



# ଦହି ପଣା ବିତରଣ ଉଦ୍‌ଯାପିତ




**କଟକ,୧୦।୬(ସମିସ):** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶ୍ରୀ ହରି ଫାଉଣ୍ଡେସନ ପକ୍ଷରୁ ଦୀର୍ଘ ୬୪ ଦିନ ହେବ ଚହଟା ଶିବ ମନ୍ଦିର ପାଖରେ ଦହି ପଣା ବଣ୍ଟନ ଭଳି ସେବା କାର୍ଯ୍ୟ ଜାରି ରହିଥିଲା। ଏପ୍ରିଲ ୭ ତାରିଖରୁ ଆରମ୍ଭ ହୋଇ ଜୁନ୍ ୯ରେ ଏହାର ସମାପନ ହୋଇଛି। ବହୁତ୍ ଘାତ ପ୍ରତିଘାତ ମଧ୍ୟରେ ୬୪ ଦିନ ଦହିପାଣି ବିତରଣ କରାଯାଇଥିଲା। ପିଲାମାନଙ୍କ ଅକ୍ଲାନ୍ତ ପରିଶ୍ରମ, ନିସ୍ୱାର୍ଥପର ସେବା, ସହଯୋଗ ସମସ୍ତ ଶୁଭେଚ୍ଛୁଙ୍କ ସହଯୋଗ, ଉପଦେଷ୍ଟା ମଣ୍ଡଳୀର ସହଯୋଗ ଓ ମିଡିଆ ଭାଇ, ଭଉଣୀଙ୍କ ସମର୍ଥନ ପାଇଁ ଏହି ସେବା କାର୍ଯ୍ୟ ସଫଳ ହୋଇଥିବାରୁ ଶ୍ରୀ ହରି ଫାଉଣ୍ଡେସନ ପକ୍ଷରୁ ସମସ୍ତଙ୍କୁ ହୃଦୟରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।



ସମ୍ବଲପୁରରେ ହର-ପାର୍ବତୀଙ୍କ ବିବାହ ଅବସରରେ କନ୍ୟାପକ୍ଷରୁ ବରଯାତ୍ରୀଙ୍କୁ ସ୍ୱାଗତ


ମହାଦେବଙ୍କ ବେଶରେ ଜଣେ ଶ୍ରଦ୍ଧାଳୁ


ବରଯାତ୍ରୀ ଶୋଭାଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ

## ଆଜିଠୁ ୨ଦିନ +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ଫର୍ମପୂରଣ

**ଭୁବନେଶ୍ୱର, ୧୦।୬ (ସମିସ):** +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ଆସନ୍ତାକାଲି (ମଙ୍ଗଳବାର)ଠାରୁ ଆରମ୍ଭ ହେବ ଫର୍ମ ପୂରଣ। ୧୧ ଓ ୧୨ ତାରିଖରେ ଆଶାୟୀ ଛାତ୍ରଛାତ୍ରୀ ଆବେଦନ କରିପାରିବେ। ୧୩ ତାରିଖ ସୁଦ୍ଧା ସମସ୍ତ ପ୍ରମାଣପତ୍ର ଅପ୍‌ଲୋଡ କରିପାରିବେ। ୨୦ରେ ଆଡମିଟ୍ କାର୍ଡ ପ୍ରଦାନ କରାଯିବ ଓ ୨୮ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ଜୁଲାଇ ୧୫ ତାରିଖରେ ପରୀକ୍ଷା ଫଳ ପାଇବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଫର୍ମ ପୂରଣ ପାଇଁ ଏହା ଦ୍ୱିତୀୟ ସୁଯୋଗ ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଗତ ୧ରୁ ୫ ତାରିଖ ମଧ୍ୟରେ ଫର୍ମପୂରଣ ହୋଇଥିଲା। ଯେଉଁ ଛାତ୍ରଛାତ୍ରୀ ଏଗ୍ରିଗେଟ୍ ପାସ୍ ମାର୍କ ରଖିଥିବେ ଏବଂ କେବଳ ଗୋଟିଏ ବିଷୟରେ ଫେଲ୍ ହୋଇଥିବେ; ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ଚଳିତ ବର୍ଷ ପ୍ରାୟ ୧୫ ଶହ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି।

**ଜୁନ୍ ୨୮ରେ ପରୀକ୍ଷା, ଜୁଲାଇ ୧୫ରେ ରେଜଲ୍ଟ**

## ୩ ମନ୍ତ୍ରୀଙ୍କୁ ପ୍ରଣବ ପ୍ରକାଶଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ୧୦।୬(ସମିସ):** ମୋଦୀ ସରକାରଙ୍କ କ୍ୟାବିନେଟ୍‌ରେ ଓଡ଼ିଶାରୁ ସାମିଲ ହୋଇଥିବା ୩ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ ଓ ଅଶ୍ୱିନୀ ବୈଷ୍ଣବଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ଦେଶ ଓ ରାଜ୍ୟର ବିକାଶ କ୍ଷେତ୍ରରେ ତାଙ୍କର ପ୍ରଦର୍ଶନ ଉତ୍ତମ ରହିବ ବୋଲି ଶ୍ରୀ ଦାସ କାମନା କରିଛନ୍ତି।

# ଅଂଶୁଘାତ ନେଲାଣି ୪୫ ଜୀବନ: ଉତ୍ତରଦାୟୀ କିଏ

**ଭୁବନେଶ୍ୱର, ୧୦।୬ (ସମିସ):** ଚଳିତ ବର୍ଷ ରାଜ୍ୟରେ ୧୫୯ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ଏମାନଙ୍କ ମଧ୍ୟରୁ ଯାଞ୍ଚ ପରେ ବର୍ତ୍ତମାନ ସୁଦ୍ଧା ୪୫ ଜଣଙ୍କର ଅଂଶୁଘାତ ଯୋଗୁଁ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିବା ବେଳେ ବାକି ୭୩ଟି ମାମଲାର ଯାଞ୍ଚ ଜାରି ରହିଛି। ଅନ୍ୟପଟେ ଗତ ୭୨ଘଣ୍ଟାରେ ୮ଜଣଙ୍କର ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ଆସିଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ ଶ୍ରେଣୀର ଏବଂ ଖରାରେ କାମ କରୁଥିବା ବେଳେ ହିଁ ସେମାନେ ଅଂଶୁଘାର ଶିକାର ହୋଇଥିବା ଜଣାପଡ଼ିଛି। ତେଣୁ ଏଥିପାଇଁ କିଏ ଉତ୍ତରଦାୟୀ, ତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି।

ଚଳିତବର୍ଷ ଏଲ୍-ନିନୋ ଯୋଗୁଁ ତାପମାତ୍ରା ଯଥେଷ୍ଟ ଅଧିକ ରହୁଥିବା ବେଳେ ରେକର୍ଡସଂଖ୍ୟକ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ଏହି ସ୍ଥିତି ଜାରି ରହିଥିବାରୁ ପ୍ରତିଦିନ ବିଭିନ୍ନ ଜିଲ୍ଲାରୁ ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ଜାରି ରହିଛି। ଗଲା କିଛି ବର୍ଷ ମଧ୍ୟରେ ଅଂଶୁଘାତ ଯୋଗୁଁ ରାଜ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ବେଳେ ଚଳିତବର୍ଷ ଉପୁଜିଥିବା ସ୍ଥିତି ପାଇଁ କାହାକୁ ଦାୟୀ କରାଯିବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଅଂଶୁଘାତ ମୃତ୍ୟୁ ମାତ୍ରାଧିକ ଭାବେ ବଢ଼ିବା ପରେ ଉଭୟ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଓ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟ ଓ ଶ୍ରମ ବିଭାଗର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏହି ୩ ବିଭାଗ ହିଁ ଅଂଶୁଘାତ ମୁକାବିଲା କରିବାରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପାଣିପାଗ ବିଭାଗ ପକ୍ଷରୁ ଆଗକୁ ଗ୍ରୀଷ୍ମଲହରୀ ସମ୍ପର୍କିତ ସୂଚନା ଜାରି କରାଯିବା ପରେ ଏହାକୁ ଆଧାର କରି ରାଜ୍ୟ ସରକାର ସତର୍କତାମୂଳକ ପଦକ୍ଷେପ ନେଇଥାନ୍ତି। ହେଲେ ଚଳିତ ବର୍ଷ ଗ୍ରୀଷ୍ମ ଲହରୀ ଆକଳନ କ୍ଷେତ୍ରରେ ପାଣିପାଗ କେନ୍ଦ୍ରର ଅନେକ ତ୍ରୁଟି ସାମନାକୁ ଆସିଛି।

**■ ୧୫୯ ଜଣଙ୍କ ମୃତ୍ୟୁ ନେଇ ଅଭିଯୋଗ**
**■ ଗତ ୭୨ ଘଣ୍ଟାରେ ଯାଇଛି ୮ ଜୀବନ**

ବଡ଼ କଥା ହେଉଛି ଯେ ପାଣିପାଗ କେନ୍ଦ୍ର ପକ୍ଷରୁ ୫ଦିନ ପର୍ଯ୍ୟନ୍ତ ଚେତାବନୀ ଜାରି କରାଯାଉଥିବା ବେଳେ ୨୮ ତାରିଖରେ ଜାରି ବୁଲେଟିନ୍‌ରେ ଗତ ମେ' ୩୧ ଓ ଜୁନ୍ ୧ ତାରିଖ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମ ଲହରୀ ଜନିତ ଚେତାବନୀ ଜାରି କରାଯାଇନଥିଲା। ହେଲେ ସେହିଦିନ ରାଜ୍ୟର ଝାରସୁଗୁଡ଼ା ଓ ରାଉରକେଲା ଆଦିରୁ ବହୁ ଅସ୍ୱାଭାବିକ ମୃତ୍ୟୁ ଘଟଣା ସାମନାକୁ ଆସିଥିଲା। ପରେ ହଠାତ୍ ପାଣିପାଗ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମ ଲହରୀ ଜନିତ ଆଲର୍ଟ ଜାରି କରାଯାଇଥିଲା। ଏମିତିକି, ସୋମବାର ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଛି। ସୋମବାର ବାରିପାଦରେ ତାମପାତ୍ରା ୪୨ଡିଗ୍ରୀ ରହିଥିବା ବେଳେ ଏଠାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୬.୩ ଡିଗ୍ରୀ ଉପରେ ତାପମାତ୍ରା ରହିଛି। ହେଲେ ବିଭାଗ ପକ୍ଷରୁ ଏହି ସ୍ଥାନ ପାଇଁ ଆଗୁଆ ଗ୍ରୀଷ୍ମ ଲହରୀ ସ୍ଥିତି ଜାରି କରାଯାଇ ନ ଥିବାରୁ ପାଣିପାଗ କେନ୍ଦ୍ରର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସମାନ ଭାବେ ସାଧାରଣ ଲୋକଙ୍କ ଅଂଶୁଘାତ ମୃତ୍ୟୁ ପାଇଁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ଓ ଶ୍ରମ ବିଭାଗର ଭୂମିକା ଉପରେ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। କାରଣ ଗ୍ରୀଷ୍ମଋତୁ ଆରମ୍ଭ ହେବା ପରେ ରାଜ୍ୟରେ ୧୧ଟାରୁ ୩ଟା ମଧ୍ୟରେ ବାହାରେ କାମ କରାଇବା ଉପରେ କଟକଣା ଜାରି କରାଯାଇଥିଲା। ହେଲେ କେଉଁ ପରିସ୍ଥିତିରେ ଶ୍ରମିକମାନେ ଏହି ସମୟରେ କାର୍ଯ୍ୟ କରୁଥିଲେ ଓ ମୃତ୍ୟୁ ମୁଖରେ ପଡ଼ିଲେ, ତାକୁ ନେଇ ପ୍ରଶ୍ନ ଉଠିଛି। ଏମିତିକି ଖୋଦ୍ ଏସ୍‌ଆରସି ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ଖରାରେ କାର୍ଯ୍ୟ ହେଉଥିବା ଓ ଜାରି ନିର୍ଦ୍ଦେଶନାମାର ଉଲ୍ଲଙ୍ଘନ ହୋଇଥିବା ମାନଛନ୍ତି। ହେଲେ ଏହି ଘଟଣା ସତ୍ତ୍ୱେ କାହିଁକି କାହାରି ଉପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସମସ୍ତଙ୍କୁ ଚକିତ କରିଛି।

ସୂଚନା ଥାଉ କି ପଶ୍ଚିମ ଓଡ଼ିଶାରେ ତାତି ଯୋଗୁଁ ଦୈନିକ ବିଭିନ୍ନ ଜିଲ୍ଲାରେ ଏକାଧିକ ଲୋକ ପ୍ରାଣ ହରାଉଥିବା ନେଇ ଅଭିଯୋଗ ହେଉଛି। ବିଶେଷକରି ଝାରସୁଗୁଡ଼ା ଜିଲ୍ଲା ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରୁ ମୃତକଙ୍କ ସଂଖ୍ୟା ଅଧିକ ରହୁଛି।

## ଗୟେଲକଣାରେ ଝାଡ଼ାବାନ୍ତି; ଜଣେ ମୃତ, ୭ଆକ୍ରାନ୍ତ

**ବିଷମକଟକ, ୧୦।୬ (ସମିସ):** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଡାଲିଆକୁଜି ପଞ୍ଚାୟତର ଗୟେଲକଣା ଗ୍ରାମରେ ଝାଡ଼ାବାନ୍ତିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ, ଗ୍ରାମର ଗୋପାଳ କାଣ୍ଡାମାକା(୨୮)। ଅନ୍ୟ ୭ଜଣଙ୍କ ମଧ୍ୟରୁ ଜଣଙ୍କୁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ତିନିଜଣ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ଓ ଗୁରୁତରମାନେ ୩ ପରିବାରର ସଦସ୍ୟ। ଗତକାଲିଠାରୁ ଏମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ।



ଖବର ପାଇ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୁଇଟି ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଗୋଟିଏ ଟିମ୍ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମେଡିକାଲ ଟିମ୍ ଘରକୁ ଘର ବୁଲି ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଗ୍ରାମବାସୀ ବ୍ୟବହାର କରୁଥିବା ପାଣିର ନମୁନା ସଂଗ୍ରହ କରିଛି। କେଉଁ କାରଣରୁ ଏଭଳି ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହୋଇଛନ୍ତି,

**● ଗାଁରେ ପହଞ୍ଚିଲା ମେଡିକାଲ ଟିମ୍**
**● ପାଣି ନମୁନା ସଂଗ୍ରହ**

ସେନେଇ ମେଡିକାଲ ଟିମ୍ ଅନୁଧ୍ୟାନ କରୁଛି। ଆଶା, ଏଏନ୍‌ଏମ୍, ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ି କର୍ମୀ ଗୟେଲକଣା ଗ୍ରାମରେ ୨୪ ଘଣ୍ଟା ରହି ସେଠାରେ ସ୍ଥିତି ଅନୁଧ୍ୟାନ କେରିବେ ବୋଲି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅତୁନ କୁମାର ରଣା ସୂଚନା ଦେଇଛନ୍ତି।

ଅପରପକ୍ଷେ, ବିଷମକଟକ ବିଧାୟକ ନୀଳମାଧବ ହିକକା ଗାଁରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜ୍ଞାପନ କରିବା ସହ ମେଡିକାଲରେ ଆକ୍ରାନ୍ତଙ୍କୁ ଭେଟି ସେମାନଙ୍କ ଆରୋଗ୍ୟ କାମନା କରିଛନ୍ତି।

**■ ନକଲି ସାର୍ଟିଫିକେଟ୍ ଦେଇ ଡାକ ବିଭାଗରେ ଚାକିରି ଆବେଦନ**

## କୋରାପୁଟରୁ ଆଉ ଜଣେ ଗିରଫ

**ଭୁବନେଶ୍ୱର, ୧୦।୬ (ସମିସ):** ନକଲି ମାଟ୍ରିକ୍ ସାର୍ଟିଫିକେଟ୍ ଦେଇ 'ଗ୍ରାମୀଣ ଡାକ ସେବକ'ର ବିଭିନ୍ନ ପଦରେ ଚାକିରି ଆବେଦନ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ, ଜୟପୁରର ଚାନ୍ଦା ଚରଣ ସାହୁ। ଖାଲି ସେ ନୁହେଁ, ତାଙ୍କ ଭଳି ୨୧ଜଣ ଏଭଳି ନକଲି ସାର୍ଟିଫିକେଟ୍ ଦେଇ ଆବେଦନ କରିଥିଲେ। ଏହା ଜଣାପଡ଼ିବା ପରେ ୨୦୨୩ ଏପ୍ରିଲ ୫ ତାରଖରେ କୋରାପୁଟ ଡିଭିଜନ ପୋଷ୍ଟ ଅଫିସର ଅଧିକାରୀ ମନୋଜ ପ୍ରଗଡ଼ା ଅଭିଯୋଗ କରିଥିଲେ। ଏହି ଆଧାରରେ ୨୨ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଏହା ପରେ ମାମଲା କ୍ରାଇମ୍‌ବ୍ରାଞ୍ଚ ନେଇଥିଲା।

**● ଜୟପୁର ଟାଉନ୍ ଥାନାରେ ୨୨ଜଣଙ୍କ ନାମରେ ମାମଲା**

ଜୟପୁରର ପ୍ରତାପ କୁଲଦୀପ, ପ୍ରିୟଦର୍ଶିନ ପ୍ରଧାନ, ରଞ୍ଜିତ୍ କୁଲଦୀପ, ରିଙ୍କି ବିଶୋଇ, ଶାନ୍ତନୁ କୁମାର ମଲ୍ଲିକ୍, ଭାରତୀ ନାୟକ, ସାରଥି ହାଲବା, ଗୋପାଳକୃଷ୍ଣ ପଟ୍ଟନାୟକ, ମନୋଜ କୁମାର ନାୟକ, ରିହାନ୍ ଟୁକ୍ରର, ମନୋଜ କୁମାର ବେହେରା, ଦିପ୍‌ସୀକା ଲେଙ୍କା, ଡାନୀ ହରିଜନ୍, ଅଜୟ କୁମାର ମୁର୍ମୁ, ଯୁବରାଜ ରାଣା, ରାମାଇ ମୁର୍ମୁ, ନରସିଂଙ୍ଗ ହଣ୍ଡାଲ, ଚନ୍ଦ୍ରମୋହନ ବେହେରା, ପର୍ଶୁରାମ ନେଲୁର ଏବଂ ଶୁଧାଂଶୁ ଶେଖର ବେହେରାଙ୍କ ନାମରେ ମାମଲା ହୋଇଛି। ତଦନ୍ତ କରି ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଏବଂ ଜୟପୁଟ ଟାଉନ୍ ଥାନା ୭ ଜଣଙ୍କୁ ଗିରଫ କରିଥିବା ବେଳେ ଏବେ ଚନ୍ଦାଚରଣ ଗିରଫ ହୋଇଛନ୍ତି। ଆଗକୁ ଏହି ଗିରଫ ସଖ୍ୟା ବଢ଼ିବ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଦିଆଯାଇ କୁହାଯାଇଛି।

କ୍ରାଇମ୍‌ବ୍ରାଞ୍ଚ ଅଫିସର ଡିଏସ୍‌ପି ଅନାଦି ଚନ୍ଦ୍ର ସେଠି ଏହି ମାମଲାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ଜଣାପଡ଼ିଥିଲା, ଡାକ ବିଭାଗରେ ବାହାରିଥିବା ଗ୍ରାମୀଣ ଡାକସେବକ ପଦବୀ ପାଇଁ ୨୦୨୩ରେ ବିଜ୍ଞପ୍ତି ବାହାରିଥିଲା। ଏହି ବିଜ୍ଞପ୍ତି ପରେ ହଜାର ହଜାର ପିଲା ଆବେଦନ କରିଥିଲେ। କିନ୍ତୁ ୨୨ ଜଣଙ୍କ ମାଟ୍ରିକ୍ ସାର୍ଟିଫିକେଟ୍ ଯାଞ୍ଚ କରିବା ସମୟରେ ଡାକ ବିଭାଗର ଅଧିକାରୀଙ୍କ ସନ୍ଦେହ ହୋଇଥିଲା। ସାର୍ଟିଫିକେଟ୍‌ରେ ଥିବା ବିଷୟ ଓଡ଼ିଶାରେ ନଥିଲା। ଏହି ବିଷୟ ଉତ୍ତରପ୍ରଦେଶରେ ପଢ଼ାଉଥିବା ମାଟ୍ରିକ୍ ପରୀକ୍ଷାରେ ଥିଲା। ଅଧିକ ସନ୍ଦେହ ହେବାରୁ ମାଟ୍ରିକ୍ ସାର୍ଟିଫିକେଟ୍ ଏବଂ ମାର୍କ ସିଟ୍‌କୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଓଡ଼ିଶାରେ ନଥିବା ବିଷୟରେ ସେମାନେ ଅଧିକ ମାର୍କ ରଖିଛନ୍ତି। ନକଲି ସାର୍ଟିଫିକେଟ ଜଣାପଡ଼ିବା ପରେ ଜୟପୁର ଟାଉନ୍ ଥାନାରେ ମାମଲା ହୋଇଥିଲା।

## ଭିମସାରକୁ ପ୍ରଥମ ଦିବ୍ୟାଙ୍ଗଙ୍କ ଶରୀର ଦାନ

**ସମ୍ବଲପୁର, ୧୦।୬ (ଇମିସ):** ବୁର୍ଲା ଭିମସାର୍‌ରେ ୨୦୧୨ ମସିହାରୁ ଶରୀରଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସୋମବାର ପ୍ରଥମ କରି ଜଣେ ଦିବ୍ୟାଙ୍ଗଙ୍କ ଶରୀର ଦାନ କରାଯାଇଛି। ବୁଢ଼ାରଜାସ୍ଥିତ ଧରିତ୍ରୀ ଲେନ୍‌ର ସାମ୍ବାଦିକ ଶିବ ନନ୍ଦ ଓ ମଞ୍ଜରୀଙ୍କ ପୁଅ ସାଇଶରଣ ନନ୍ଦ(୧୯) ସେରେବ୍ରାଲ ପାଲସି (ସିପି)ରେ ପୀଡ଼ିତ ଥିଲେ। ଗତରାତିରେ ସେ ହୃଦ୍‌ଘାତରେ ପ୍ରାଣ ହରାଇବା ପରେ ପରିବାରଲୋକ ତାଙ୍କ ଶରୀରକୁ ଭିମସାର୍‌କୁ ଦାନ କରିଛନ୍ତି।



ସାଇଶରଣଙ୍କ ଚକ୍ଷୁଦ୍ୱୟକୁ ଉଦ୍ଧାର କରାଯାଇଛି। ଭିମସାର ଚକ୍ଷୁ ବ୍ୟାଙ୍କର ଡାକ୍ତର ମହେଶ କୁମାର ସାହୁ ଓ ଗୁରୁଦେବ ବିଶି ଚକ୍ଷୁର ରେଟିନା ସଂଗ୍ରହ କରିଥିଲେ। ସାଇଶରଣଙ୍କ ଆଖିରେ ଆଉ ଜଣେ ଦୁନିଆ ଦେଖିବ।

ଏହି ଶରୀର ଦାନ ଅବସରରେ ଭିମସାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବଗ୍ରାହୀ ରଥ, ଆନାଟୋମି ବିଭାଗ ମୁଖ୍ୟ ଡାକ୍ତର ମମତା ସର, ସାମାଜିକ କର୍ମୀ ରଜନୀକାନ୍ତ ନାଗ, ଦିଲ୍ଲୀପ ନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆନାଟୋମି ବିଭାଗ ଡାକ୍ତର ମମତା ସର କହିଛନ୍ତି, ଡାକ୍ତରୀ ବିଦ୍ୟାର୍ଥୀଙ୍କ ପ୍ରାକ୍ଟିକାଲ କ୍ଲାସ ପାଇଁ ମୃତଶରୀରର ନିତାନ୍ତ ଆବଶ୍ୟକତା ଥାଏ। ଏଥିରେ ସାଧାରଣ ବ୍ୟକ୍ତିଙ୍କ ମରଶରୀର ଯେତିକି ଉପଯୋଗରେ ଆସେ, ସିପି ରୋଗୀଙ୍କ ମରଶରୀର ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସରଫେସ ମାର୍କିଂ, ପିଲାଙ୍କୁ ଦେଖାଇବା ପାଇଁ ଏହା ଉପଯୋଗ ହୁଏ। ତେଣୁ ସିପି ରୋଗ ତଥା ଶାରୀରିକ, ମାନସିକ ଭାବରେ ଭିନ୍ନକ୍ଷମଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଚାହିଁଲେ ମେଡିକାଲ କଲେଜକୁ ଦେଇପାରିବେ।

**ଦିନକ ପରେ ଶପଥ ଗ୍ରହଣ ଓ ନୂତନ ମନ୍ତ୍ରିମଣ୍ଡଳ**

# ମନ୍ତ୍ରୀ ପଦ ଦୌଡ଼ରେ ମୟୂରଭଞ୍ଜର ସମସ୍ତ ୯ ବିଧାୟକ

**ବାରିପଦା,୧୦।୬(ସମିସ):** ବୁଧବାର ଓଡ଼ିଶାରେ ନୂତନ ସରକାର ଗଠନ ହେବ। ଶପଥ ଗ୍ରହଣ ସହ ନୂଆ ମନ୍ତ୍ରିମଣ୍ଡଳ ମଧ୍ୟ ଗଠନ ହେବ। ଚଳିତ ନିର୍ବାଚନରେ ବିଜେପି ମୟୂରଭଞ୍ଜ ଜିଲ୍ଲାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ସମସ୍ତ ୯ଟି ବିଧାନସଭା ଆସନ ଦଖଲ କରିଛି। ତତ୍‌ସହିତ ମୟୂରଭଞ୍ଜ ଲୋକସଭା ଦଖଲ ସମେତ କେନ୍ଦୁଝର ଓ ବାଲେଶ୍ୱର ଲୋକସଭା ଆସନ ଦଖଲ ପାଇଁ ଯଥାକ୍ରମେ କରଞ୍ଜିଆ ଓ ବଡ଼ସାହି ବିଧାନସଭା କ୍ଷେତ୍ରରୁ ବିପୁଳ ଭୋଟ ସମ୍ପୃକ୍ତ ସାଂସଦ ପ୍ରାର୍ଥୀଙ୍କୁ ମିଳିଛି। ତେବେ ଏହି ୩ଜଣ ସାଂସଦ ମଧ୍ୟରୁ କେହି ଜଣେ ହେଲେ ରବିବାର ଗଠିତ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇନାହାନ୍ତି। ଏଣୁ ରାଜ୍ୟ ମନ୍ତ୍ରିମଣ୍ଡଳରେ ସର୍ବାଧିକ ସ୍ଥାନ ମୟୂରଭଞ୍ଜ ଜିଲ୍ଲାକୁ ମିଳିବା ଆଶା କରାଯାଉଛି।

ମୟୂରଭଞ୍ଜ ଲୋକସଭା ଅଧୀନ ବାରିପଦା, ମୋରଡା, ଉଦଳା, ସାରସକଣା, ବାଙ୍ଗିରିପୋଷି, ରାଇରଙ୍ଗପୁର ଓ ଯଶିପୁର ୭ଟି ବିଧାନସଭା ଆସନରୁ ଉଦଳାର ଭାସ୍କର ମଢେଇ ଚତୁର୍ଥଥର ପାଇଁ ବିଧାୟକ ନିର୍ବାଚିତ ହୋଇଥିବା ବେଳେ ଅଭିଜ୍ଞତା ଆଧାରରେ ସେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାର ହକ୍‌ଦାର ବୋଲି ତାଙ୍କ ସମର୍ଥକମାନେ ଯୁକ୍ତି ବାଢ଼ିଛନ୍ତି। ସେହିପରି ଦ୍ୱିତୀୟଥର ପାଇଁ ବିଜୟୀ ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ ଓ ପ୍ରକାଶ ସୋରେନଙ୍କ ନାମ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବ ବୋଲି ଉଭୟ ନିର୍ବାଚନ ମଣ୍ଡଳୀରେ ସେମାନଙ୍କ ସମର୍ଥକ ଯୁକ୍ତି ଉପସ୍ଥାପନ କରୁଛନ୍ତି। ବିଜ୍ଞତା ଓ କାର୍ଯ୍ୟ ତୁଲାଇବାର ନିପୁଣତା ଦୃଷ୍ଟିରୁ ଗଣେଶରାମ ସିଂ ଖୁଣ୍ଟିଆ ମନ୍ତ୍ରୀ ହେବା ପାଇଁ ଯୋଗ୍ୟ ବିଧାୟକ ବୋଲି ସମର୍ଥକ କହୁଥିବା ବେଳେ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ଜନସମ୍ପର୍କ ଓ ଜିଲ୍ଲା ମୁଖ୍ୟାଳୟ ବିଧାୟକ ଦୃଷ୍ଟିରୁ ଏଥର ସେ ମନ୍ତ୍ରୀ ହେବା ଥୟ ବୋଲି ତାଙ୍କ ସମର୍ଥକ ଚର୍ଚ୍ଚା ଜାରି ରଖିଛନ୍ତି।

**୨ରୁ ୩ଜଣଙ୍କୁ ମିଳିବା ନେଇ ଚର୍ଚ୍ଚା**

ସେହିପରି ଜିଲ୍ଲାର ଏକମାତ୍ର ଅଣସଂରକ୍ଷିତ ଆସନ ମୋରଡାର ବିଧାୟକ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ସୁନିଶ୍ଚିତ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ବୋଲି ସମର୍ଥକ ଆଶାବାଦୀ। ପୁନଶ୍ଚ ମୋରଡାରୁ ବିଜେପି-ବିଜେଡି ମିଳିତ ସରକାର ସମୟରେ ତତ୍କାଳୀନ ବିଜେଡି ବିଧାୟକ ମହାରାଜା ପ୍ରବୀଣ ଭଞ୍ଜଦେଓ ମନ୍ତ୍ରୀ ଭାବେ ସ୍ଥାନ ପାଇଥିଲେ। ଏଣୁ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରୁ ପୁଣି ଜଣେ ମନ୍ତ୍ରୀ ନିଶ୍ଚିତ ସ୍ଥାନ ପାଇବେ ବୋଲି କୁହାଯାଉଛି। ସେହିପରି ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରୁ ଜିଲ୍ଲାର ଏକମାତ୍ର ବିଧାୟିକା ନିର୍ବାଚିତ ହୋଇଥିବା ସଞ୍ଜଲି ମୁର୍ମୁଙ୍କୁ ଦଳ ପକ୍ଷରୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦିଆଯିବ ବୋଲି ଜିଲ୍ଲାରେ ଚର୍ଚ୍ଚା ହେଉଛି। ଏହି ନିର୍ବାଚନ ମଣ୍ଡଳୀଟି ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଗଡ଼ ଭାବେ ପରିଚିତ। ସଞ୍ଜଲି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁଦାମଙ୍କ ପତ୍ନୀ ରଞ୍ଜିତା ମାରାଣ୍ଡିଙ୍କୁ ପରାସ୍ତ କରି ବିଜୟୀ ହୋଇଥିବାରୁ ତାଙ୍କୁ ପୁରସ୍କାର ସ୍ୱରୂପ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ ବୋଲି ଆଲୋଚନା ହେଉଛି।

ସେହିପରି କେନ୍ଦୁଝର ଓ ବାଲେଶ୍ୱର ଲୋକସଭା ଅଧୀନରେ ଥିବା କରଞ୍ଜିଆ ଓ ବଡ଼ସାହି ବିଧାୟକଦ୍ୱୟ ମଧ୍ୟ ମନ୍ତ୍ରିମଣ୍ଡଳରେ ସୁନିଶ୍ଚିତ ସ୍ଥାନ ପାଇବେ ବୋଲି ସେମାନଙ୍କ ସମର୍ଥକ ଯୁକ୍ତି ବାଢୁଛନ୍ତି। କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ପୂର୍ବରୁ ମଧ୍ୟ ବିଧାୟକ ଥିଲେ। ଏଣୁ ଅଭିଜ୍ଞତା ଓ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଦୃଷ୍ଟିରୁ ସେ ମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଆଶା ବାନ୍ଧିଛନ୍ତି। ବଡ଼ସାହି ବିଧାୟକ ସନାତନ ବିଜୁଳି ସର୍ବାଧିକ ଭୋଟରେ ତଥା ଲଗାତର ଦ୍ୱିତୀୟଥର ବିଜୟୀ ହୋଇଛନ୍ତି। ବଡ଼ସାହି ଆସନ ଗଠନ ପରଠାରୁ କେହି ଲଗାତାର ନିର୍ବାଚିତ ହୋଇନଥିଲେ। ସନାତନଙ୍କ ବିଧାନସଭା ପ୍ରଶ୍ନ କାଳରେ ବାକ୍‌ଚାତୁରୀ ସାରା ରାଜ୍ୟରେ ପରିଚିତ। ଏଣୁ ଦକ୍ଷତା ଦୃଷ୍ଟିରୁ ସେ ମନ୍ତ୍ରୀ, ବାଚସ୍ପତି ଅବା ଉପବାଚସ୍ପତି ସ୍ଥାନ ଅଳଙ୍କୃତ କରିବେ ବୋଲି ଜିଲ୍ଲାରେ ଚର୍ଚ୍ଚା ହେଉଛି। କରଞ୍ଜିଆ ଓ ବଡ଼ସାହି ବିଧାୟକଙ୍କ ପାଇଁ କେନ୍ଦୁଝର ଓ ବାଲେଶ୍ୱର ଲୋକସଭା ଅଧୀନରେ ବିଜୟୀ ବିଜେପି ବିଧାୟକଙ୍କ ସହିତ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଁ ହିସାବ ନିକାଶ ଏପଟସେପଟ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକ କହୁଛନ୍ତି। ସେ ଯାହାବି ହେଉ ମୟୂରଭଞ୍ଜର ସର୍ବାଧିକ ଓ ସର୍ବଶ୍ରେଷ୍ଠ ସଫଳତା ପାଇଁ ବିଜେପି ପକ୍ଷରୁ ପ୍ରଥମ ସରକାରର ଅନୂନ୍ୟ ୩ ଜଣ ସ୍ଥାନ ପାଇବେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

**ନବୀନଙ୍କ ମନ୍ତ୍ରିମଣ୍ଡଳରେ କଟକକୁ ମିଳୁଥିଲା ଗୁରୁତ୍ୱ**

# ବିଜେପି ସରକାରରେ କାହାକୁ ମିଳିବ ମନ୍ତ୍ରୀ ପଦ

**କଟକ, ୧୦।୬ (ସମିସ):** ରାଜ୍ୟ ରାଜନୀତିରେ ବେଶ୍ ଗୁରୁତ୍ୱ ବହନ କରି ଆସୁଥିବା କଟକ ଜିଲ୍ଲାରୁ ଏଥର ରାଜ୍ୟ ବିଜେପି ସରକାରରେ କାହାକୁ ସ୍ଥାନ ମିଳିବ; ସେନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପୂର୍ବରୁ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ କଟକ ଜିଲ୍ଲାକୁ ବେଶ ଗୁରୁତ୍ୱ ଦିଆଯାଇ ଆସୁଥିବାର ନଜିର ରହିଛି। ଏପରିକି ଜିଲ୍ଲାରୁ ବି ଦୁଇ ଦୁଇଜଣ ମନ୍ତ୍ରୀ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ଦୀର୍ଘ ୨୪ବର୍ଷ ଶାସନ କାଳ ଭିତରେ କଟକ ଜିଲ୍ଲାର ବହୁ ନେତା ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇପାରିଛନ୍ତି।

ଏଥର ସରକାର ପରିବର୍ତ୍ତନ ହୋଇଛି ଓ ଆସନ୍ତା ୧୨ ତାରିଖରେ ସରକାର ଗଠନ କରିବାକୁ ଯାଉଛି ବିଜେପି। ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ଜିଲ୍ଲାର ମୋଟ ୯ଗୋଟି ବିଧାନସଭା ଆସନକୁ ବିଜେପି ଟିକଟରେ ଦୁଇଜଣ ଜିତିଛନ୍ତି। କଟକ ସଦରର ଇଂ ପ୍ରକାଶ ସେଠୀ ଓ ନିଆଳିରୁ ଛବି ମଲ୍ଲିକ। ଏମାନେ ପ୍ରଥମ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ଭିତରୁ ଜଣଙ୍କୁ ମନ୍ତ୍ରୀ ପଦ ମିଳିପାରେ ବୋଲି ଆଲୋଚନା ହେଉଛି। ହେଲେ ଦଳର ଟିକଟରୁ ବଞ୍ଚିତ ହୋଇ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ଜିତିଥିବା ବଡ଼ମ୍ବାରୁ ବିଜୟ ଦଳବେହେରା ଓ ମାହାଙ୍ଗାରୁ ଶାରଦା ପ୍ରଧାନଙ୍କ ଭଳି ଟାଣୁଆ ନେତା ଏବେ ବିଜେପି ଶିବିରରେ ପୁଣି ଯୋଗ ଦେଇଛନ୍ତି। ଏଣୁ ଏମାନେ ବି ଦଳକୁ ସମର୍ଥନ ଦେଇ ମନ୍ତ୍ରୀ ପଦ ପାଇବା ଆଶାରେ ରହିଛନ୍ତି।

**ଛବି, ପ୍ରକାଶ, ଶାରଦା ଓ ବିଜୟଙ୍କ ମଧ୍ୟରୁ କିଏ ?**

ନିର୍ବାଚିତ ଏହି ୪ଜଣ ନବାଗତ ହୋଇଥିବା ବେଳେ ପ୍ରଥମଥର ପାଇଁ ବିଧାୟକ ହୋଇଛନ୍ତି। ବିଜେଡିର ଟାଣୁଆ ନେତା ଦେବୀପ୍ରସାଦ ମିଶ୍ରଙ୍କୁ ହରାଇଛନ୍ତି ବିଜୟ। ସେହିପରି ଚନ୍ଦ୍ରସାରଥୀଙ୍କୁ ପରାଜିତ କରିବାକୁ ସକ୍ଷମ ହୋଇଥିଲେ ପ୍ରକାଶ। ନିଆଳିରେ ଛବି ମଧ୍ୟ ତିନିଥରର ବିଧାୟକ ଡା. ପ୍ରମୋଦ ମଲ୍ଲିକଙ୍କୁ ହରାଇଥିବା ବେଳେ ମାହାଙ୍ଗାରେ ପ୍ରତାପ ଜେନାଙ୍କ ପୁତ୍ର ଅଙ୍କିତ ପ୍ରତାପଙ୍କୁ ଶାରଦାଙ୍କଠାରୁ ହାରିବାକୁ ପଡ଼ିଥିଲା। ଏଣୁ ଏମାନଙ୍କ ଭିତରୁ ଦଳ କାହା ମୁଣ୍ଡରେ ସୁନାକଳସ ଢାଳୁଛି, ତାହା ଦେଖିବା ବାକି ରହିଲା। ୨୦୦୦ରୁ ୨୦୨୪ ଯାଏଁ କଟକ ଜିଲ୍ଲାର ନେତାକୁ ନବୀନଙ୍କ ମନ୍ତ୍ରିମଣ୍ଡଳରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଥିବାର ନଜିର ରହିଛି। ଅର୍ଥ, ନଗର ଉନ୍ନୟନ, ଉଚ୍ଚ ଶିକ୍ଷା, କୃଷି, ପଞ୍ଚାୟତିରାଜ ଓ କ୍ରୀଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇପାରିଥିଲେ ବିଜେଡି ବିଧାୟକ। କାଳିନ୍ଦୀ ବେହେରା, ସମୀର ଦେ, ପଞ୍ଚାନନ କାନୁନଗୋ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଚନ୍ଦ୍ରସାରଥୀ ବେହେରା ପ୍ରମୁଖ ନବୀନଙ୍କ ମନ୍ତ୍ରିମଣ୍ଡଳରେ ବିଭିନ୍ନ ପାଳିରେ ପଦଭାର ଗ୍ରହଣ କରିଛନ୍ତି। ଏପରିକି, ଅତୀତରେ ଜିଲ୍ଲାର ଟାଣୁଆ ନେତା ପ୍ରଭାତ ତ୍ରିପାଠୀ ବି ସରକାରୀ ଦଳର ମୁଖ୍ୟ ସଚେତକ ପଦବୀ ଅଳଙ୍କୃତ କରିଥିଲେ। କଟକ ଜିଲ୍ଲାକୁ ବିଜେପି ସରକାରରେ କେତେଗୋଟି ମନ୍ତ୍ରୀ ପଦ ମିଳୁଛି ତାହା ଦେଖିବାକୁ ବାକି ରହିଛି।

